ଆବଶ୍ୟକ

ମାସିକ ଖବରକାଗଜ ଆପଣଙ୍କ ସ୍ୱର ଓଡିଶାର ସମସ୍ତ ଜିଲ୍ଲା ଓ ବ୍ଲକରେ ପ୍ରତିନିଧି ଆବଶ୍ୟକ କରୁଛି । ଇଚ୍ଛୁକ ପ୍ରାର୍ଥୀମାନେ ଆମର ଇମେଲ ଆଇଡି apanankaswar@gmail.com ରେ ନିଜର ବାୟୋଡାଟା ପଠାଇବା ସହ ସହ ମୋବାଇଲ ନଂ 797844381 5ରେ ଯୋଗାଯୋଗ କରନ୍ତୁ ।

-ସଂପାଦକ

Email id apanankaswar@gmail.com

Website-www.apanankaswar.in

ନିରପେକ୍ଷ ମାସିକ ଖବରକାଗଜ

ଆପଣଙ୍କ ସ୍ୱର

ଆପଣଙ୍କ ସ୍ୱର ଆମର ଶକ୍ତି

Apananka Swar

PRGI/R.N.I No: ORMUL/25/A5279

Vol. 01 | Issue -08 | ଭାଗ-୦୧ | ସଂଖ୍ୟା-୦୮ | Jajpur 01-31, August 2026 | Rs. 2.00 | Pages - 08 | ଯାଜପୁର ୦୧-୩୧ ଅଗଷ୍ଟ ୨୦୨୬ | ମୂଲ୍ୟ ୨.୦୦ ଟଙ୍କା | ପୃଷ୍ଠା-୦୮

ବନ୍ୟା ପାଣି ଖସୁଛି, ଦୁର୍ଦ୍ଦଶା ବଢୁଛି

୧୮ ଟି ଜିଲ୍ଲାର ହେକ୍ଟର ହେକ୍ଟର ଚାଷ ଜମି ପ୍ରଭାବିତ

ଭୁବନେଶ୍ୱର,୩୧।୭(ଆପଣଙ୍କ ସ୍ୱର): ଦୁଇଦିନ ହେବ ତଳମୁଣ୍ଡରେ ମହାନଦୀ ଦ୍ରୁତ ଗତିରେ ଫୁଲୁଥିଲା । ଶୁକ୍ରବାର ସକାଳଠାରୁ ଜଳସ୍ତର ଖସୁଛି । ସନ୍ଧ୍ୟା ୬ଟାବେଳେ ମୁଣ୍ଡୁଳିରେ ସେକେଣ୍ଡ ପିଛା ୮ ଲକ୍ଷ ୨୦ ହଜାର ଘନଫୁଟ ପାଣି ଚାଲିଥିଲା । ଖଇରମାଳରେ ୩ ଲକ୍ଷ ୩୦ ହଜାର ଘନଫୁଟ ଓ ବରମୂଳରେ ୬ ଲକ୍ଷ ୨ ହଜାର ଘନଫୁଟ ଥିଲା । ପଥରଲାରେ ତେଲରୁ ଆସୁଥିବା ପାଣି ବି କମିଛି । ଆସୁଥିଲା ୨ ଲକ୍ଷ ୬ ହଜାର ଘନଫୁଟ ।ଅନୁମାନ କରାଯାଉଛି, ମହାନଦୀ ଜଳସ୍ତର ସକାଳ ସୁଦ୍ଧା ଢେର କମିଯାଇପାରେ । କିନ୍ତୁ, ହୀରାକୁଦରୁ ଆସୁଥିବା ପାଣିକୁ ନେଇ ଚିନ୍ତା ବଢ଼ିଛି । ହୀରାକୁଦ ଜଳଭଣ୍ଡାର ଜଳସ୍ତର ବଢୁଥିବାରୁ ଶୁକ୍ରବାର ପର୍ଯ୍ୟାୟ କ୍ରମେ ଆଉ ୨୦ଟି ଗେଟ୍ ଖୋଲାଯାଇଛି । ଯଦିଓ ଏହି ପାଣି ମୁଣ୍ଡୁଳିରେ ପହଞ୍ଚିଲାବେଳକୁ ଶନିବାର ବିଳମ୍ବିତ ରାତି ହୋଇଯିବ । ସେତେବେଳକୁ ତଳମୁଣ୍ଡରେ ମହାନଦୀ ଜଳସ୍ତର ବହୁ ମାତ୍ରାରେ କମିଯାଇଥିବ । ତେଣୁ ଯେଉଁ ପାଣି ଆସି ନଦୀରେ ନଦୀରେ ଚାଲିଯିବ । ସନ୍ଧ୍ୟା ୬ଟା ବେଳର ରିପୋର୍ଟ ଅନୁସାରେ ହୀରାକୁଦ ଜଳସ୍ତର ୬୨୫ ଫୁଟ

ଉପରେ ଥିଲା । ୨୨ଟି ଗେଟ ଦେଇ ପାଣି ଛଡ଼ାଯାଉଛି । ପ୍ରତି ସେକେଣ୍ଡରେ ଜଳଭଣ୍ଡାରକୁ ୪ ଲକ୍ଷ ୨୨ ହଜରାର ୯୬୮ ଘନଫୁଟ ପାଣି ପ୍ରବେଶ କରୁଛି । ନିଷ୍କାସିତ ହେଉଛି ୩ ଲକ୍ଷ ୫୬ ହଜାର ଘନଫୁଟ ।ହୀରାକୁଦ ଜଳଭଣ୍ଡାର ମୁଖ୍ୟଯନ୍ତ୍ରୀ ଇଂ. ପ୍ରତାପ ଚନ୍ଦ୍ର ଚୌଧୁରୀ କହିଛନ୍ତି, ତଳମୁଣ୍ଡରେ ଏବେ ବନ୍ୟା ସ୍ଥିତି ନାହିଁ । ବହୁ ପରିମାଣରେ ଜଳସ୍ତର ଖସିବାରେ ଲାଗିଛି । ହୀରାକୁଦର ଆଉ ଅଧିକ ଗେଟ ଖୋଲିବ କି ନାହିଁ, ଶନିବାର ନିଷ୍ପତ୍ତି ନିଆଯିବ । ଉପରମୁଣ୍ଡରେ ଏବେ ବର୍ଷା ନାହିଁ । ଆଗକୁ ଛତିଶଗଡ ଅଞ୍ଚଳରେ ବିଶେଷ ବର୍ଷା ସମ୍ଭାବନା ନଥିବାରୁ ବନ୍ୟା ଜଳ ନିଷ୍କାସନରେ କୌଣସି ଅସୁବିଧା ହେବ ନାହିଁ । ଆସନ୍ତା ୪ତାରିଖ ବେଳରୁ ପୁଣି ବର୍ଷା ସମ୍ଭାବନା ଅଛି । ଏହି ସମୟ ସୁଦ୍ଧା ହୀରାକୁଦର ବନ୍ୟା ଜଳ ନିଷ୍କାସନ ସରିଥିବ ।

ବନ୍ୟା ସ୍ଥିତି ନେଇ ଲୋକସେବା ଭବନଠାରେ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ବରିଷ୍ଠ ଅଧିକାରୀ ଏବଂ ଜିଲ୍ଲାପାଳମାନଙ୍କ ସହିତ ଆଲୋଚନା କରି ସ୍ଥିତି ସମୀକ୍ଷା କରିଥିଲେ । ସମୀକ୍ଷାରୁ ଜଣାଯାଇଛି, ଚଳିତ ବନ୍ୟାରେ ୧୪ ଜିଲ୍ଲା ଅନ୍ତର୍ଗତ ୬୫ଟି ବ୍ଲକ ଅଧୀନସ୍ଥ ୪୯୨ଟି ପଞ୍ଚାୟତର ୧୪୪୬ଟି ଗାଁ ଓ ୧୩ଟି ସହରାଞ୍ଚଳର ୨୦୧ଟି ୱାର୍ଡ ପ୍ରଭାବିତ ହୋଇଛି । ରାଜ୍ୟର ପ୍ରାୟ ୮ ଲକ୍ଷ ୩୪ ହଜାର ୭୪୧ ଲୋକେ ପ୍ରଭାବିତ ହୋଇଛନ୍ତି । ପାଣି ଘେରରେ ୨ ଲକ୍ଷ ୬୮ ହଜାର ୯୪୩ ଲୋକେ ଅଛନ୍ତି । ୨ ଲକ୍ଷ ୬୭ ହଜାର ୩୦୧ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି । ବର୍ତ୍ତମାନ ସୁଦ୍ଧା ହସ୍ତଗତ ରିପୋର୍ଟ ଅନୁସାରେ ବନ୍ୟାରେ ୧୦୮୨ ଘର ନଷ୍ଟ ହେବା ସହ ୨୧ ହଜାର ୩୮୦ ହେକ୍ଟର ଚାଷ ଜମି କ୍ଷତିଗ୍ରସ୍ତ ହୋଇଛି ।

ମହାନଦୀ ବନ୍ୟା ଯୋଗୁ କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, ନୟାଗଡ଼ ଆଦି ଜିଲ୍ଲାର ତଳି ଅଞ୍ଚଳବାସୀ ଭୟଭୀତ ଅଛନ୍ତି । ହୀରାକୁଦର ୨୨ଟି ଗେଟ ଖୋଲାଯିବା ପରେ (ପୃଷ୍ଠା-୭ ଦେଖନ୍ତୁ)

SBI

APANANKA SWAR

SCAN & PAY

UPI ID: apanankaswar@sbi

BHIM | UPI

yono SBI | BHIM SBI Pay

G Pay | Paytm | Pay

ଏକ ସୁସ୍ଥ, ନିର୍ଭୀକ ଓ ନୀରପେକ୍ଷ ଖବରକାଗଜକୁ ସାହାଯ୍ୟ କରନ୍ତୁ, ଆପଣଙ୍କ ସହାୟତା ଆମକୁ ଆଗକୁ ଯିବାକୁ ନିଶ୍ଚିତ ଇନ୍ଧନ ଯୋଗାଇବ । ଆପଣଙ୍କ ସ୍ୱର ର ଏହି ସ୍କାନର ମାଧ୍ୟମରେ ଆପଣଙ୍କ ସହାୟତା ରାଶି ପଠାନ୍ତୁ ।

ଇସ୍ତଫା ଦେଲେ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର ୩୧।୭(ଆପଣଙ୍କ ସ୍ୱର): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶେଷରେ ଇସ୍ତଫା ଦେଇଛନ୍ତି । ନିଟ୍ ପ୍ରଶ୍ନପତ୍ର ଲିକ୍ ଏବଂ ଜେନ୍-ଜି ଆନ୍ଦୋଳନ ତାଙ୍କ ମନ୍ତ୍ରୀ ପଦ ଖାଇ ଦେଇଛି । କକ୍ରୋଚ ଜନତା ପାର୍ଟି(ସିଜେପି)ର ଆନ୍ଦୋଳନ, ତାହାକୁ ବିରୋଧୀ ଦଳର ସମର୍ଥନ ଏବଂ ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କ ପ୍ରତି ସାଧାରଣ ଜନତାଙ୍କ ସହାନୁଭୂତି ଆଗରେ ଧର୍ମେନ୍ଦ୍ରଙ୍କୁ ମୁଣ୍ଡ ନୁଆଁଇବାକୁ ପଡ଼ିଛି

। ସେ ତାଙ୍କର ଇସ୍ତଫାପତ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପାଖକୁ ପଠାଇଛନ୍ତି ।ଦେଶରଯୁବପାଢ଼ିଙ୍କ ଆକାଂକ୍ଷା, ଭାବନା ଏବଂ ନ୍ୟାୟପୂର୍ଣ୍ଣ ଆଶାକୁ ସେ ଗଭୀର ଭାବରେ ସମ୍ମାନ କରନ୍ତି । ଆଗକୁ ଯୁବପାଢ଼ି ପାଇଁ ସମର୍ପିତ ଭାବେ କାମ କରିବେ ବୋଲି ଧର୍ମେନ୍ଦ୍ର ତାଙ୍କ ସୋସିଆଲ୍ ମିଡିଆରେ ଲେଖିଛନ୍ତି ।ମୋଦୀ ସରକାରରେ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅନ୍ୟତମ ଦକ୍ଷ ଓ ପ୍ରଭାବଶାଳୀ ମନ୍ତ୍ରୀ ଭାବେ ବିଚାର କରାଯାଉଥିଲା । ପ୍ରଥମରୁ ଏ ପର୍ଯ୍ୟନ୍ତ ଦୀର୍ଘ ୧୨ ବର୍ଷ ଧରି ସେ ମୋଦୀଙ୍କ କ୍ୟାବିନେଟ୍ ରେ ଗୁରୁତ୍ୱପୂର୍ଣ୍ଣ ବିଭାଗ ସମ୍ଭାଳିଥିଲେ । ତେବେ ତାଙ୍କର ଦୁର୍ଭାଗ୍ୟ ଆରମ୍ଭ ହୋଇଥିଲା ଚଳିତବର୍ଷର ନିଟ୍(ୟୁଜି)-୨୦୨୬ ପ୍ରଶ୍ନପତ୍ର ଲିକ୍ ଘଟଣାରୁ । ଗତ ମେ ୩ ତାରିଖରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ମାତ୍ର ପରୀକ୍ଷା ସରିବା ପରେ ରାଜସ୍ଥାନରୁ ପ୍ରଶ୍ନପତ୍ର ଲିକ୍ ଅଭିଯୋଗ ଆସିଥିଲା । ହ୍ୱାଟସ୍‌ଆପ୍ ମାଧ୍ୟମରେ ପ୍ରଶ୍ନପତ୍ର ଲିକ୍ ହୋଇଥିବାର ପ୍ରମାଣ ମିଳିବା ପରେ ମେ ୧୨ ତାରିଖରେ ପରୀକ୍ଷାକୁ ବାତିଲ କରାଯାଇଥିଲା । ଏହାଦ୍ୱାରା ୨୨ ଲକ୍ଷ ୭ ୯ ହଜାର ଛାତ୍ରଛାତ୍ରୀ ପ୍ରଭାବିତ ହୋଇଥିଲେ । ଜୁନ୍ ୨୧ ତାରିଖରେ ପୁନଃ ପରୀକ୍ଷା ସମୟ ଧାର୍ଯ୍ୟ କରାଯାଇଥିଲା ।

ତେବେ ନିଟ୍ ପ୍ରଶ୍ନପତ୍ର ଲିକ୍ ଯୋଗୁଁ ପରୀକ୍ଷା ବାତିଲ ହେବା ପରେ ଆଶାୟୀ ଓ ଅଭିଭାବକଙ୍କ ମନରେ ବ୍ୟାପକ ଅସନ୍ତୋଷ ସୃଷ୍ଟି ହୋଇଥିଲା । ପିଲାମାନେ ଆତ୍ମବିଶ୍ୱାସ ହରାଇବା ସହ ହତୋତ୍ସାହିତ ହୋଇପଡ଼ିଥିଲେ । ପ୍ରାୟ ୨୦ ଜଣ ନିଟ୍ ଆଶାୟୀ ହତାସ ଓ ଭୟରେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି ।ନିଟ୍ ଆଶାୟୀଙ୍କ ଏହି

ଜେନ୍-ଜି ଆଗରେ ମୁଣ୍ଡ ନୁଆଁଇଲେ ସରକାର

ଅସନ୍ତୋଷ ବେଳେ ସୁପ୍ରିମକୋର୍ଟର ମୁଖ୍ୟ ବିଚାପତି ତାଙ୍କର ଏକ ମନ୍ତବ୍ୟରେ ଦେଶର ବେକାର ଯୁବକ ଯୁବତୀଙ୍କୁ କକ୍ରୋଚ୍ ବା ଅସରପା ବୋଲି ବ୍ୟଙ୍ଗ ଟିପ୍ପଣୀ ଦେବା ସେହି ଅସନ୍ତୋଷ ନିଆଁରେ ଘିଅ ଢ଼ାଳିଥିଲା । ଛାତ୍ର ସମାଜର ଇନଷ୍ଟାଗ୍ରାମ୍ ପ୍ରତିକ୍ରିୟାରୁ ବୋଷ୍ଟନ୍ ରେ ପାଠ ପଢୁଥିବା ମହାରାଷ୍ଟ୍ରର ଅଭିଜିତ୍ ଦୀପକେଙ୍କ ନେତୃତ୍ୱରେ ସୋସିଆଲ୍ ମିଡିଆରେ ଗଠନ ହୋଇଥିଲା କକ୍ରୋଚ ଜନତା ପାର୍ଟି ବା ସିଜେପି । ଏହି ସିଜେପି ନେତୃତ୍ୱରେ ଆରମ୍ଭ ହୋଇଥିଲା ନିଟ୍ ପ୍ରଶ୍ନପତ୍ର ପ୍ରଘଟ ବିରୋଧରେ ଛାତ୍ର ଆନ୍ଦୋଳନ ।ନିଟ୍ ପୁନଃ ପରୀକ୍ଷା ହୋଇ ରେଜଲ୍ଟ ବାହାରି ସାରିଥିଲେ ମଧ୍ୟ ଆନ୍ଦୋଳନ ପ୍ରଶମିତ ହୋଇ ନ ଥିଲା । ଧର୍ମେନ୍ଦ୍ରଙ୍କ ଇସ୍ତଫା ଦାବିରେ ଯନ୍ତର ମନ୍ତରଠାରେ ସୋନମ୍ ୱାଙ୍ଗଚୁକ୍ ଙ୍କ ଆମରଣ ଅନଶନ ଏବଂ ସିଜେପିର ଜୁଲାଇ ୨୦ ଚଲୋ ସଂସଦ ଅଭିଯାନ ଏହି ଆନ୍ଦୋଳନକୁ ନିର୍ଣ୍ଣାୟକ ମୋଡ଼ ଦେଇଥିଲା ।

ଛତିଶଗଡ଼-ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ 'ମହାନଦୀ' ଆଲୋଚନା

ନୂଆଦିଲ୍ଲୀ/ଭୁବନେଶ୍ୱର ୩୧।୭(ଆପଣଙ୍କ ସ୍ୱର):ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ମହାନଦୀ ଜଳ ବିବାଦର ଆପୋସ ସମାଧାନ ପାଇଁ ପ୍ରକ୍ରିୟା ଆଉ ପାଦେ ଆଗେଇଛି । ଆଜି ନୂଆଦିଲ୍ଲୀରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସିଆର୍ ପାଟିଲଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇଛି । ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଉପସ୍ଥିତ ରହି ମହାନଦୀ ଜଳ ବିବାଦର ସମାଧାନ ସମ୍ପର୍କରେ ଆଲୋଚନା କରିଛନ୍ତି । ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବ, କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟର ସଚିବ ଏବଂ ଉଚ୍ଚ ପଦାଧିକାରୀମାନେ ବୈଠକରେ ସାମିଲ ହୋଇଥିଲେ ।

ବୈଠକରେ ଓଡ଼ିଶାର ଅଧିକାର, ଜନସାଧାରଣଙ୍କ ସ୍ୱାର୍ଥ, ଚାଷୀକୁଳର ହିତ ଏବଂ ପରିବେଶର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ସମାଧାନର ପନ୍ଥା ନିର୍ଦ୍ଧାରଣ କରିବା ଉପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗୁରୁତ୍ୱାରୋପ କରିଥିଲେ । ସୌହାର୍ଦ୍ଦ୍ୟପୂର୍ଣ୍ଣ

ବାତାବରଣ ଭିତରେ ଉଭୟ ରାଜ୍ୟ ମଧ୍ୟରେ ସହଯୋଗ, ସମନ୍ୱୟ ଓ ଗଠନମୂଳକ ଆଲୋଚନା ଜରିଆରେ ମହାନଦୀ ଜଳ ସମସ୍ୟାର ଏକ ସ୍ଥାୟୀ ଓ ସନ୍ତୋଷଜନକ ସମାଧାନ ପାଇଁ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ ।

ବୈଠକ ପରେ ଗଣମାଧ୍ୟମକୁ ଶ୍ରୀ ମାଝୀ କହିଥିଲେ ଯେ ଓଡ଼ିଶାର ଅଧିକାର, ଚାଷୀଙ୍କ ଭବିଷ୍ୟତ ଓ ରାଜ୍ୟର ଜଳସମ୍ପଦର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଆମ ପକ୍ଷକୁ ଦୃଢ଼ତାର ସହ ଉପସ୍ଥାପନ କରାଯାଇଛି । କେନ୍ଦ୍ର ଜଳ କମିସନ ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ଗଠିତ ଏକ କମିଟି ୩ ମାସ ମଧ୍ୟରେ ଏହାର ରିପୋର୍ଟ ମହାନଦୀ ଟ୍ରିବ୍ୟୁନାଲ୍‌କୁ ପ୍ରଦାନ କରିବ । ଏହି ପରିପ୍ରେକ୍ଷୀରେ ଆଗାମୀ ୩ ମାସ ପର୍ଯ୍ୟନ୍ତ ବିଭିନ୍ନ ସ୍ତରରେ ଆଲୋଚନା ଜାରି ରହିବ । ୩ ମାସ ମଧ୍ୟରେ ମହାନଦୀ ଜଳ ବଣ୍ଟନ ଓ ପରିଚାଳନାକୁ ନେଇ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଯେଉଁ ସମସ୍ୟାଗୁଡ଼ିକ ରହିଛି, ତା'ର ସମାଧାନ କରାଯିବ । ଛତିଶଗଡ଼ ସରକାର ଏଥିରେ ସହମତି ପ୍ରକାଶ କରିଛନ୍ତି । ଆସନ୍ତା ଦୀପାବଳି ସୁଦ୍ଧା ନିଶ୍ଚିତ ଭାବେ ସମାଧାନର ବାଟ ବାହାରିବ । ଶ୍ରୀ ମାଝୀ କହିଛନ୍ତି, ଜଳବଣ୍ଟନର ସମାଧାନ ପାଇଁ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ମଧ୍ୟ ସମାନ ଆଭିମୁଖ୍ୟ ରଖିଛନ୍ତି । ଆମେ ପ୍ରଥମରୁ ଏଥିରେ ସହମତ ଥିଲୁ । ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଳମ୍ବରେ ସହମତ ହେଲେ । (ପୃଷ୍ଠା-୭ ଦେଖନ୍ତୁ)

ଅକ୍ଟୋବର ସୁଦ୍ଧା ପିଲାଙ୍କୁ ମିଳିବ ସଂଶୋଧନ ପୁସ୍ତକ

ଭୁବନେଶ୍ୱର ୩୧।୭(ଆପଣଙ୍କ ସ୍ୱର): ପାଠ୍ୟପୁସ୍ତକରେ ମାଳମାଳ ତ୍ରୁଟି ସାମ୍ନାକୁ ଆସିଲା । ଏହାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ହାଲୁକା ଭାବରେ ନେଲା । କିନ୍ତୁ ମୁଖ୍ୟମନ୍ତ୍ରୀ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ କାର୍ଯ୍ୟାନୁଷ୍ଠାନ ନେଲେ । କିପରି ପିଲାଙ୍କ ପାଖେ ତ୍ରୁଟିଶୂନ୍ୟ ବହି ପହଞ୍ଚିବ ତାକୁ ନେଇ ମାନସମନ୍ଥନ ଆରମ୍ଭ ହୋଇଯାଇଛି । ପ୍ରଥମେ ଦକ୍ଷ ବିଶେଷଜ୍ଞମାନଙ୍କୁ ଚୟନ କରାଯାଇ

କର୍ମଶାଳା ସରିଛି । ଏବେ ସଂଶୋଧନ ପାଇଁ ପ୍ରକ୍ରିୟା ଆରମ୍ଭ ହେବ । ସେଥିଲାଗି ଟେଣ୍ଡର ଡାକିଛି ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏସ୍‌ସିଇଆର୍‌ଟି) । ପୁଣି ଘରୋଇ ଫାର୍ମ ତଥା ପ୍ରିଣ୍ଟିଂ ପ୍ରେସକୁ ଏହି ସଂଶୋଧନ ଦାୟିତ୍ୱ ଦିଆଯିବ । ଟେଣ୍ଡର ପାଇବାର ଏକମାସ ମଧ୍ୟରେ ଏହି କାର୍ଯ୍ୟ ସଂପୂର୍ଣ୍ଣ କରିବାକୁ କୁହାଯାଇଛି । ଅର୍ଥାତ୍ ସେପ୍ଟେମ୍ବରରୁ ଅକ୍ଟୋବର ମାସ ସୁଦ୍ଧା ପୁସ୍ତକ ସଂଶୋଧନ ପ୍ରକ୍ରିୟା ଶେଷ ହେବ । ପରେ ପ୍ରିଣ୍ଟିଂ ପାଇଁ ପ୍ରେସ୍‌କୁ ଯିବ ବୋଲି ସୂଚନା ରହିଛି ।ଏସ୍‌ସିଇଆର୍‌ଟି ପକ୍ଷରୁ ଗତ ୭ରୁ ୧୩ ତାରିଖ ମଧ୍ୟରେ ବିଭିନ୍ନ ବିଷୟକୁ ନେଇ ଏକାସାଙ୍ଗେ ଏକାଧିକ ହଲ୍‌ରେ କର୍ମଶାଳା ହୋଇଥିଲା । ଏଠାରେ ବିଶେଷଜ୍ଞମାନେ ଯୋଗ ଦେଇଥିଲେ । ଓଡ଼ିଆ, ଗଣିତ, ଇଂରାଜୀ, ବିଜ୍ଞାନ, ପରିବେଶ ବିଜ୍ଞାନ, ସାମାଜିକ ବିଜ୍ଞାନ, କଳା ଶିକ୍ଷା, ଶାରୀରିକ ଶିକ୍ଷା, ଧନ୍ଦାମୂଳକ ଶିକ୍ଷା, ହିନ୍ଦୀ ଓ ସଂସ୍କୃତ ଆଦି ୧୧ଟି ବିଷୟକୁ ନେଇ କର୍ମଶାଳା ଅନୁଷ୍ଠିତ ହୋଇଛି । ଏଥିରେ ପ୍ରତିଦିନ ଏକାଧିକ ବିଶେଷଜ୍ଞମାନେ ଯୋଗ ଦେଇଥିଲେ । ବିଶେଷଜ୍ଞମାନେ ପାଠ୍ୟପୁସ୍ତକରେ କ'ଣ ରହିବ?

ଶାହଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

ଦ୍ରୁତ ଶିଳ୍ପାୟନ, ସମବାୟ ବିକାଶ ସମ୍ପର୍କରେ ଆଲୋଚନା

ଭୁବନେଶ୍ୱର ୩୧।୭(ଆପଣଙ୍କ ସ୍ୱର): ନୂଆଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ସାକ୍ଷାତ କରିଛନ୍ତି । ଏହି ସାକ୍ଷାତ ସମୟରେ ଓଡ଼ିଶାର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ସଂପର୍କରେ ବିଶଦ ଆଲୋଚନା ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଏବଂ କେନ୍ଦ୍ର ଗୃହମନ୍ତ୍ରୀଙ୍କ ନିରନ୍ତର ପ୍ରେରଣାରେବିକାଶ, ପ୍ରଗତି ଓ ସମୃଦ୍ଧିର ଏକ ନୂତନ ପଥରେ ଓଡ଼ିଶା ଦ୍ରୁତ ଗତିରେ ଆଗେଇ ଚାଲିଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ।ଏହି ବୈଠକରେ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ରାଜ୍ୟର ବିକାଶମୂଳକ ପଦକ୍ଷେପ, ଆଇନ ଶୃଙ୍ଖଳା ପରିସ୍ଥିତି, ଆଭ୍ୟନ୍ତରୀଣ ସୁରକ୍ଷା ଏବଂ ଚାଲୁରହିଥିବା ବିଭିନ୍ନ ବିକାଶମୂଳକ ଓ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ । ରାଜ୍ୟର ବିକାଶ ପ୍ରକ୍ରିୟାକୁ ଆହୁରି ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ଗୃହମନ୍ତ୍ରୀଙ୍କ ନିରନ୍ତର ସହଯୋଗ କାମନା କରିଥିଲେ ।କେନ୍ଦ୍ର ଗୃହମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱରୁ ଓଡ଼ିଶା ଆଜି "ନକ୍ସଲମୁକ୍ତ ରାଜ୍ୟ" ଭାବେ ମାନ୍ୟତା ପାଇପାରିଛି ବୋଲି ଦର୍ଶାଇ ମୁଖ୍ୟମନ୍ତ୍ରୀ ତାଙ୍କୁ ଧନ୍ୟବାଦ ଦେଇଥିଲେ । ନକ୍ସଲ ଦମନରେ ଏହି ସଫଳତା ରାଜ୍ୟର ସାମାଜିକ-ଅର୍ଥନୈତିକ ବିକାଶ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଛି । ନକ୍ସଲ ମୁକ୍ତ ଅଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର 'ଗ୍ରାମୋଦୟ ଯୋଜନା' ମାଧ୍ୟମରେ ସେହି ଅଞ୍ଚଳରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ କଲ୍ୟାଣକାରୀ ଯୋଜନା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ କରୁଛନ୍ତି । ସକ୍ରିୟ ପୋଲିସିଂ ଯୋଗୁଁ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି ବୋଲି

ମୁଖ୍ୟମନ୍ତ୍ରୀ କହିଛନ୍ତି ।ଗତ ଦୁଇ ବର୍ଷ ମଧ୍ୟରେ ଓଡ଼ିଶାରେ ହୋଇଥିବା ଦ୍ରୁତ ଶିଳ୍ପାୟନ ବିଷୟରେ ଆଲୋଚନା କରି ଏହାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଶିଳ୍ପ ସୁରକ୍ଷା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ଗୃହମନ୍ତ୍ରୀଙ୍କ ସହଯୋଗ ଲୋଡ଼ିଥିଲେ । ସେହିପରି ସମବାୟ କ୍ଷେତ୍ରରେ ମଧ୍ୟ କେନ୍ଦ୍ର ସରକାର ଓଡ଼ିଶାକୁ ସହଯୋଗ ଯୋଗାଇ ଦେଉଛନ୍ତି । ଓଡ଼ିଶାରେ ଚିନି କଳ ଗୁଡ଼ିକର ପୁନରୁଦ୍ଧାର ପାଇଁ କେନ୍ଦ୍ର ସରକାରଙ୍କ ପ୍ରତ୍ୟକ୍ଷ ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ଶାହାଙ୍କୁ ଧନ୍ୟବାଦ ଦେଇଥିଲେ ।ଓଡ଼ିଶାର "ଡବଲ୍-ଇଞ୍ଜିନ୍ ସରକାର" ସିଧାସଳଖ ଜନସମ୍ପର୍କ ଏବଂ ଦ୍ରୁତ ଅଭିଯୋଗ ପ୍ରତିକାର ମାଧ୍ୟମରେ ଜନସାଧାରଣଙ୍କ ଆସ୍ଥା ଜିତି ପାରିଛି ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ରାଜ୍ୟର ପ୍ରମୁଖ ବିକାଶ ଓ କଲ୍ୟାଣକାରୀ ପଦକ୍ଷେପଗୁଡ଼ିକ ବିଷୟରେ ଆଲୋକପାତ କରିଥିଲେ ।

କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଶାହ, ରାଜ୍ୟର ପ୍ରଶଂସନୀୟ ଓ ଜନକଲ୍ୟାଣକାରୀ ପଦକ୍ଷେପଗୁଡ଼

ସମ୍ପାଦକୀୟ

ଆପଣଙ୍କ ସମସ୍ୟା,ଆପଣଙ୍କ ସ୍ୱର ର ଦାୟିତ୍ୱ

ଅନ୍ୟାୟ କରିବୁ ନାହିଁ,ଅନ୍ୟାୟ ସହିବୁ ନାହିଁ କିମ୍ବା ଅନ୍ୟାୟ କୁ ପ୍ରଶୟ ଦେବୁ ନାହିଁ ଏହା ଆମ ର ସଂକଳ୍ପ ,ପ୍ରତିଶ୍ରୁତି ଓ ପ୍ରତିବଦ୍ଧତା ।

ପ୍ରଭୁ ଜଗନ୍ନାଥଙ୍କ ଅପାର କରୁଣା ରୁ ସଧାରଣ ଲୋକଙ୍କ କଥା କହିବାକୁ ଚାହୁଁଥିବା ଆପଣଙ୍କ ଖବରକାଗଜ ଆପଣଙ୍କ ସ୍ୱର ନୂତନ ବର୍ଷ 1 ଜାନୁଆରୀ 2026 ରେ ପଦାର୍ପଣ କରି ସାରିଛି । ଦୀର୍ଘ ବର୍ଷର ସାମ୍ବାଦିକତା ପୁଞ୍ଜିକୁ ପାଥେୟ କରି ଏହି ଆପଣଙ୍କ ସ୍ୱର ଖବରକାଗଜ ମାଧ୍ୟମରେ ସମାଜର ଦୁଃଖୀ,ରଙ୍କି ,ଦଳିତ,ଅବହେଳିତ,ନିଷ୍ପେସିତ ଲୋକଙ୍କ ସମସ୍ୟା,ଲୋକଙ୍କ ସ୍ୱରର ପରି ପ୍ରକାଶ କରିବ ବୋଲି ଯେଉଁ ପ୍ରତିଶ୍ରୁତି ରଖିଥିଲି ଆପଣଙ୍କ ଖବର କାଗଜ "ଆପଣଙ୍କ ସ୍ୱର" ମାଧ୍ୟମ ରେ ଯାହା ଧୀରେ ଧୀରେ ସତ ରେ ପରିଣତ ହେବାକୁ ଯାଉଛି । ଓଡ଼ିଶା ର ବିଭିନ୍ନ କୋଣ ଅନୁକୋଣ ରେ କାଗଜ ତାର ହାତ କପି ସହ ପହଞ୍ଚିଛି । କୌଣସି ରାଜନେତା, ଠିକାଦାର କିମ୍ବା ପ୍ରଭାବଶାଳୀ ଲୋକଙ୍କ ଦ୍ୱାରା ଅନୁଗୃହିତ ନ ହୋଇ ଆପଣଙ୍କ ସ୍ୱର ଯେ ଆପଣଙ୍କ ସମସ୍ୟାକୁ ପ୍ରଶାସନ ପାଖରେ ପହଞ୍ଚାଇବାକୁ ସଂକଳ୍ପ ବଧ ଏହା ଆମେ ଦୃଢ଼ ନିଶ୍ଚିତ ଥିଲୁ,ରହିଛୁ ଆଉ ଆଗକୁ ମଧ୍ୟ ରହିବୁ ।ଏହା ଆମର ମୌଳିକ ଦାୟିତ୍ୱ ।

ଆପଣ ମାନଙ୍କ ମଧ୍ୟରେ ଗୋଟିଏ ସ୍ୱତ ପ୍ରଶ୍ନ ଉଠୁ ଥିବ ଏ ଗଣମାଧ୍ୟମ ଭିଡ ଓ ଲହରୀ ଭିତରେ ପୁଣି ଗୋଟିଏ ଗଣ ମାଧ୍ୟମର ଆମ୍ ପ୍ରକାଶ କାହିଁକି ? ଶହ ଶହ ଖବରକାଗଜର ପ୍ରତିଦ୍ୱନ୍ଦିତା ଚାଲୁଥିବା ବେଳେ ଆପଣଙ୍କ ସ୍ୱରର ଆମ୍ ପ୍ରକାଶ କାହିଁକି ହୋଇଛି ? ଅନେକ ବଡ ବଡ ଖବର କାଗଜ ମାନଂକ ଦୌଡ ରେ ଆପଣଙ୍କ ସ୍ୱର କେତେ ଦିନ ଆଗକୁ ଚାଲି ପାରିବ ? ଯେତେବେଳେ ଅନେକ ପୁରୁଣା ଖବରକାଗଜମାନଙ୍କର ସଂସ୍କରଣ ସଂଖ୍ୟା କମିବାରେ ଲାଗିଛି ସେତେବେଳେ "ଆପଣଙ୍କ ସ୍ୱର" କାହିଁକି ତାର ଯାତ୍ରାରମ୍ଭ କରୁଛି ?

ଗତ ମାସ ରେ ଯାଜପୁର ଜିଲ୍ଲା ର ଜଣେ ପ୍ରତିଷ୍ଠିତ ସାଟେଲାଇଟ ଚ୍ୟାନେଲ ର ସାମ୍ବାଦିକ ବଡ ଭାଇ ବିମଳ ପତି ମୋତେ ସମାନ କଥା ପଚାରିଥିଲେ ଯେ ଅଜୟ କେତେ ଦିନ ତୁ" ଆପଣଙ୍କ ସ୍ୱର" କୁ ବଞ୍ଚାଇ ରଖି ପାରିବୁ.. ଉତ୍ତର ରେ ମୁଁ କହିଥିଲି ଭାଇ ଜଗା କୁ ସମର୍ପଣ କରିଛି ନିଷ୍ପତି ସେ ନେବ ମୁ କେବଳ ମୋ କାମ କରୁଛି ।

ମୋର ସାମ୍ବାଦିକତା ଜୀବନ କାଳ ଭିତରେ ସଦା ସର୍ବଦା ସାଧାରଣ ଲୋକଙ୍କ ସମସ୍ୟା କୁ ମୁଁ ଗୁରୁତ୍ୱ ଦେଇ ଆସିଛି । କୌଣସି ରାଜନେତା ଙ୍କ ଉଦଘାଟନ ଅପେକ୍ଷା ଜଣେ ଅସହାୟ ଲୋକର ସମସ୍ୟା ଆମ ପାଇଁ ଯେ କେତେ ମୂଲ୍ୟବାନ ସେ ସଂକଳ୍ପ ନେଇ ମୋର ସାମ୍ବାଦିକତାର ଯାତ୍ରା ମୂଳରୁ ଜାରି ରହିଛି । ଏତେ ସବୁ ଗଣମାଧ୍ୟମ ଭିଡ ଆଉ ଲହର ଭିତରେ ଆଜି ବି ସାଧାରଣ ଲୋକଙ୍କ ଅନେକ ସମସ୍ୟା ସରକାରୀ ନାଲି ଫିତା ତଳେ ଚାପି ହୋଇ ରହିଛି । ଅନେକ ଲୋକ ଏବେ ବି ତାଙ୍କର ମୌଳିକ ଅଧିକାର ପାଇଁ ସଂଘର୍ଷ କରୁଛନ୍ତି । ସାଧାରଣ ଲୋକଙ୍କ ପ୍ରକୃତ ସମସ୍ୟା କୁ ପ୍ରାଧାନ୍ୟ ଦେବା ପରିବର୍ତେ କିଛି ପ୍ରତିଷ୍ଠିତ ଗଣମାଧ୍ୟମ ରାଜନେତା ମାନଂକ ଚାମଚା ସାଜିଛନ୍ତି । ଯେଉଁଥି ପାଇଁ ସମାଜର ଅବହେଳିତ ଶେଷ ବର୍ଗ ର ବ୍ୟକ୍ତି ଟି ଆଜିବି ଅବହେଳିତ ହୋଇ ପଡ଼ି ରହିଛି । ସମସ୍ୟା ର ସମାଧାନ ପରିବର୍ତ୍ତେ ଆଜିବି ସେଇ ସାଧାରଣ ଲୋକଟି ବଞ୍ଚିବା ପାଇଁ ଅହରହ ଲଢେଇ କରୁଛି ।

ଗଣତନ୍ତ୍ର ର ତିନୋଟି ସ୍ତମ୍ଭ ଯାହା କୁହାଯାଇ ଥାଏ ,ବ୍ୟବସ୍ଥାପିକା,କାର୍ଯ୍ୟପାଳିକା ଓ ନ୍ୟାୟପାଳିକା ଅନେକ କ୍ଷେତ୍ର ରେ ବାଟବଣା ହୋଇ ଦୁର୍ନୀତି ରେ ଛନ୍ଦି ହୋଇ ତାର ଅହେତୁକ ଅନୁକମ୍ପା ନୀତି ପାଇଁ ଆଜି ବି ସାଧାରଣ ଲୋକଟିଏ ତାର ହକ ପାଇଁ ଯୁଧ ଜାରି ରଖିଛି ,ବଞ୍ଚିତ ହେଉଛି ନ୍ୟାୟ ପାଇବାରୁ ,ପାଉନି ତାର ମୌଳିକ ଅଧିକାର । ଦେଶ ସ୍ୱାଧୀନତା ପରେ ସାଧାରଣ ଲୋକ ଆପାତଃତ 4ର୍ଥ ସ୍ତମ୍ଭ ହିସାବ ରେ ଗଣ ମାଧ୍ୟମ କୁ ଧରି ନେଇଥିବା ବେଳେ ଆଜିବି ଗଣ ମାଧ୍ୟମ ତାର ନିଜର ସତା ଭୁଲିଯାଉଥିବା ର ଅନେକ ଉଦାହରଣ ରହିଛି । ଶାସନ,ପ୍ରଶାସନ ଓ ବ୍ୟବସ୍ଥା କୁ ପ୍ରଶ୍ନ ପଚାରିବା କୁ ନେଇ ଗଣ ମାଧ୍ୟମ ର ଯେଉଁ ଅଧିକାର ଓ ଦାୟିତ୍ୱ ରହିଛି ତାହା କେଉଁଠି ନା କେଉଁଠି ଅନୁଗୃହିତ ହେବାର ଦେଖା ଦେଇଛି ।

ନୂତନ ବର୍ଷ ରେ ନୂଆ ଆଶା,ଆକାଂକ୍ଷା ନୂଆ ଉଦ୍ଦୀପନା ସହ ପ୍ରଭୁ ଜଗନ୍ନାଥ ଙ୍କ ଆଶ୍ରିବାଦକୁ ପୁଞ୍ଜି କରି ଆପଣଙ୍କ ସ୍ୱର ର ପ୍ରଥମ ସଂସ୍କରଣ ଆମ୍ ପ୍ରକାଶ କରି ଥିଲା । ଆଜି ଆମେ ୩ଟି ସଂସ୍କରଣ ଅର୍ଥାତ ୩ଟି ପାହାଚ ଚଢିଲା ପରେ ୪ର୍ଥ ପାହାଚ ରେ ଅବତୀର୍ଣ୍ଣ ।ପୁଣି ଥରେ ଆମେ ସ୍ପଷ୍ଟ କରିଦେବାକୁ ଚାହୁଁଚୁ ଆମ କୌଣସି ପୁଞ୍ଜି ପତି,ଶିଳ୍ପପତି କିମ୍ବା ରାଜ ନେତା ଙ୍କ ପ୍ରାୟୋଜିତ କାଗଜ ନୁହେଁ କିମ୍ବା କୌଣସି ପୁଞ୍ଜିପତି, ରାଜନେତା କିମ୍ବା ଶିଳ୍ପପତି ଙ୍କ ବିନା ସାହାଯ୍ୟ,ସହଯୋଗ,ଅନୁକମ୍ପା ଓ ଅନୁଗ୍ରହ ରେ ଖବର କାଗଜ ଚଳାଇବାକୁ ସଂକଳ୍ପ ଓ ନିଷ୍ପତି ନେଇଛୁ ।କେବଳ ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ଭଲ ପାଇବା ଟିକେ ଆବଶ୍ୟକ । ପ୍ରଭୁ ଜଗନ୍ନାଥଙ୍କ ଆଶ୍ରୀବାଦ କୁ ପୁଞ୍ଜି କରି ଆଗକୁ ବଢ଼ିବାର ନିଷ୍ପତି ଆମେ ନେଇଛୁ । ଶେଷରେ ଏତିକି କହିବି ଆପଣଙ୍କ ସ୍ୱର ଖବର କାଗଜ ନିଶ୍ଚିତ ରୂପେ ଆପଣଙ୍କ ସ୍ୱର ହୋଇ ରହିଛି, ରହିବ ଓ ରହିଥିବ ସେ ସଂକଳ୍ପ ଆମେ ନେଇଛୁ ।ଆମେ ଆଗକୁ କେମିତି ଆହୁରି ସୁସଂଗଠିତ ହୋଇ ପାରିବୁ ସେ ଉତ୍ତର ଆପଣ ମାନଙ୍କ ଠୁ ନିଶ୍ଚିତ ଆଶା କରିବୁ । ଆଉ ଆମପାଇଁ ପ୍ରତ୍ୟେକ ଅବହେଳିତ ଓଡ଼ିଆ ଭାଇ ଭଉଣୀ ଙ୍କ ସମସ୍ୟା ବହୁତ ଗୁରୁତ୍ୱ ପୂର୍ଣ୍ଣ ଅଟେ ।ଏଣୁ ଆମ କାଗଜ ପଢିଲା ପରେ ନିଶ୍ଚିତ ଆପଣଙ୍କ ମତାମତ ଆମକୁ ନିମ୍ନଲିଖିତ ମୋବାଇଲ ନମ୍ବର ରେ ୱାଟ୍ସଅପ ଓ ଆମ ମେଲ ଆଇଡି ରେ ନିଶ୍ଚିତ ପଠାନ୍ତୁ କାରଣ ଆପଣଙ୍କ ମତାମତ,ସ୍ନେହ,ଶ୍ରଦ୍ଧା ଓ ଭଲ ପାଇବା ହେଉଛି ଆମ ପାଇଁ ବଡ ପୁଞ୍ଜି ଯାହା ନିଶ୍ଚିତ ରୂପେ ଆମକୁ ଆଗକୁ ବଢ଼ିବାକୁ ଇନ୍ଧନ ଯୋଗାଇବ ।

ନମସ୍କାର, ଜୟହିନ୍ଦ୍

ସମ୍ପାଦକ
ଆପଣଙ୍କ ସ୍ୱର ଖବର କାଗଜ
ମୋବାଇଲ୍-7978443815/
Mail id-apanankswar@gmail.com

A New Churning at Jantar Mantar

By Dr. R. MISRA, Ph.D.

The Cockroach Janta Party (CJP) exploded onto India's political stage on 16 May 2026, when founder Abhijeet Dipke—a Boston University graduate and former Aam Aadmi Party (AAP) social media volunteer—shrewdly turnedan inconsequential judicial remark into a fight for extraconstitutional action against the government of the day.

The catalyst was an explosive courtroom observation made on the previous day by Chief Justice of India Surya Kant. Hearing a frivolous petition, the CJI vented frustration at fraudsters subverting public institutions, likening individuals operating with bogus degrees in law and journalism to "cockroaches" and "parasites".

Though official clarifications swiftly confirmed the remarks targeted fake-degree holders rather than India's aspirational youth, the nuance was lost in the digital crossfire. Viral clips reframed the spontaneousreprimand into a direct insult against the youth.

Dipke seized the moment, reclaiming the insult as a political identity. Within days, online registrations poured in, and CJP's social media presence surged past many established political outfits. What began as internet satire swiftly turned into a sustained sit-in.

Jantar Mantar now hosted the swarm. Students gathered for weeks, demanding accountability over NEET leaks, paper scams, and youth suicides while pushing for structural reforms and threatening an imminent march on Parliament.

The echoes of 2011 rang clear. Anna Hazare's India Against Corruption movement once filled this exact ground and eventually gave birth to AAP. Both movements rode anti-establishment fury, mobilized youth through simple symbols and digital fire, and forced the state to the table. The CJP's DNA—satire, outsiders, and a desire to sweep the system—matched its predecessor.

Yet, shadows quickly followed. Nationalist leaders and petitions whispered of foreign hands, invoking names like the CIA, ISI, George Soros, America's deep state, and China. Khalistani figures like Gurpatwant Singh Pannun from the US claimed to have pledged $1 million in funding to fuel the protests. A PIL seeking a National Investigation Agency (NIA) probe into foreign funding was declined by the Delhi High Court, and the Ministry of External Affairs offered no confirmation.

The allegations hung in the public mind without hard proof.

The CJP maintained its independence, operating without a central bank account or major donors. Supplies of food, water, and medicine arrived through decentralized support, while crowdfunding covered technical costs. Though transparency in such unregistered outfits remained thin, CJP insisted its strength lay in grassroots solidarity rather than hidden coffers.

The government's response mixed firmness with outreach. Police barricaded access and restricted food movement, which led protesters to call it a siege. Simultaneously, talks were initiated. Leadership engaged in discussions regarding compensation for affected families, fast-track courts for paper leaks, and dropping FIRs against student leaders. Even after Union Education Minister Dharmendra Pradhan's resignation, ground realities shifted daily.

Ultimately, this movement exposed a deeper fracture in the socio-political landscape: compromised exam integrity and a trust deficit in public institutions. A generation that never had a single audible voice outside so-called public opinion forced the state to choose a suitable response to this show of youth power in the open.

History repeats itself. From the JP movement to Anna Hazare, and now to CJP, unorganized protests multiply in neglect. The nation's democracy has arrived at a crossroads—and it must choose its path and march wisely.

(The author holds a Ph.D. in nongovernment studies, formerly served in a senior capacity at a premier Government of India development financial institution, and can be reached at 9778055988 (WA) and misra1960@gmail.com.)

ଲୋକମାନ୍ୟ ତିଲକ

ଡକ୍ଟର ସୁରେଶ କୁମାର ନାୟକ

ଲୋକମାନ୍ୟ ଭାବେ ପ୍ରସିଦ୍ଧ ସ୍ୱାଧୀନତା ସଂଗ୍ରାମୀ, ସମାଜ ସଂସ୍କାରକ, ଓକିଲ ତଥା ସାମ୍ବାଦିକ ବାଲ ଗଙ୍ଗାଧର ତିଲକଙ୍କର ଆଜି ତିରୋଧାନ ଦିବସ । ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ସେ ଥିଲେ ପ୍ରମୁଖ

ନେତା । ବ୍ରିଟିଶ ଉପନିବେଶକାରୀମାନେ ତାଙ୍କୁ ଅବିଶ୍ରାନ୍ତ ପରିଶ୍ରମର ଜାତୀୟ ପିତା ବୋଲି କହୁଥିଲେ । ବ୍ରିଟିଶ ରାଜ କାଳରେ ପୂର୍ଣ୍ଣ ସ୍ୱରାଜର ଦାବି ପ୍ରଥମେ ସେ ଉଠାଇଥିଲେ । ତାଙ୍କର ସ୍ୱରାଜ ମୋର ଜନ୍ମସିଦ୍ଧ ଅଧିକାର, ମୁଁ ତାକୁ ନିଶ୍ଚୟ ହାସଲ କରିବି, ବାଣୀ ଆଜି ବି ଭାରତୀୟଙ୍କ ସ୍ମୃତିରେ ତାଜା ହୋଇରହିଛି । ୧୮୫୬ ମସିହା ଜୁଲାଇ ୨୩ ତାରିଖରେ ମହାରାଷ୍ଟ୍ରର ରତ୍ନଗିରି ସ୍ଥିତ ବ୍ରାହ୍ମଣ ପରିବାରରେ ତିଲକଙ୍କ ଜନ୍ମ । ତାଙ୍କ ପିତା ଗଙ୍ଗାଧର ତିଲକ ଜଣେ ଶିକ୍ଷକ ତଥା ସଂସ୍କୃତ ବିଦ୍ୱାନ ଥିଲେ । ମାତ୍ର ୧୬ ବର୍ଷ ବୟସରେ ୧୮୭୧ରେ ତପିବାଇଙ୍କୁ ସେ ବିବାହ କରିଥିଲେ । ୧୮୭୨ରେ ମାଟ୍ରିକ ପରୀକ୍ଷା ଦେଇଥିଲେ । ପୁନେର ଡ଼େକାନ କଲେଜରେ ତିଲକ ସ୍ନାତକ ଏବଂ ୧୮୭୯ରେ ଏଲଏଲବି ଡିଗ୍ରୀ ହାସଲ କରିଥିଲେ ।

ମରାଠୀରେ ମରାଠା ଦର୍ପଣ ଓ କେସରୀ ଦୁଇଟି ଦୈନିକ ସମ୍ବାଦ ସେ ଆରମ୍ଭ କରିଥିଲେ, ଯାହା ବେଶ ଲୋକପ୍ରିୟ ହୋଇଥିଲା । କଠୋର ଇଂରେଜ ଶାସନ ଓ ଭାରତୀୟ ସଂସ୍କୃତି ପ୍ରତି ହୀନ ଭାବନା ତାଙ୍କୁ ବିଚଳିତ କରିଥିଲା । ସେଥିପାଇଁ ପୂର୍ଣ୍ଣ ସ୍ୱରାଜ ପାଇବାକୁ ସେ ବିପ୍ଳବର ବହ୍ନି ଜାଳିଥିଲେ ଦେଶବାସୀଙ୍କ ମନରେ। ସେଥିପାଇଁ ବାରମ୍ବାର କାରାବରଣ ମଧ୍ୟ କରିଥିଲେ । ଭାରତୀୟ ଜାତୀୟ କଂଗ୍ରେସରେ ସାମିଲ ହୋଇଥିଲେ ମଧ୍ୟ କଂଗ୍ରେସର ନରମପନ୍ଥୀ ଚିନ୍ତାଧାରାକୁ ସେ ବିରୋଧ କରିଥିଲେ । ଭାରତୀୟ ସମାଜରେ ଅନେକ ସୁଧାର ପାଇଁ ସେ ପ୍ରଯତ୍ନ ଥିଲେ । ସେ ବାଲ ବିବାହକୁ ବିରୋଧ କରୁଥିଲେ। ହିନ୍ଦୀକୁ ରାଷ୍ଟ୍ରଭାଷା କରିବା ପାଇଁ ସେ ଜୋର ଦେଇଥିଲେ । ଭାରତୀୟ ସଂସ୍କୃତି, ପରମ୍ପରା ଓ ଇତିହାସ ଉପରେ ଲିଖିତ ତାଙ୍କ ଲେଖା ଭାରତୀୟଙ୍କ ମନରେ ଆଜି ବି ସ୍ୱାଭିମାନର ଭାବନା ଜାଗ୍ରତ କରେ । ୧୯୨୦ ମସିହା ଆଜିର ଦିନରେ ଏହି ଯୋଗଜନ୍ମା, ଯୁଗପୁରୁଷଙ୍କର ଦେହାନ୍ତ ହୋଇଥିଲା ।

ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର- ୯, ସିଡିଏ,
କଟକ, ଦୂରଭାଷ : ୯୪୩୭୨୨୫୫୯୨

ଆମର ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟ ଏବଂ ପ୍ରକାଶନ କାର୍ଯ୍ୟାଳୟର ଠିକଣା

ଏକ ନିରପେକ୍ଷ ଖବରକାଗଜ
ଆପଣଙ୍କ ସ୍ୱର
ଆପଣଙ୍କ ସ୍ୱର ଆମର ଶକ୍ତି
PRGI/R.N.I No: ORMUL/25/A5279
APANANKA SWAR
Regd. Off- At- Jaleswarpur, Po- Kundapatana, Dist- Jajpur, Odisha, 755008
Head Office : Plot No- 1275/5111, Mukundaprasada, Near Prafulla Palace, Khordha- 752057
Email ID :- apanankaswar@gmail.com

ଏଆଇ ଫାଶ, ଝୁଲୁଛି ଚାକିରିରୁ ଛଟେଇର ଖଣ୍ଡା

✍ ସରୋଜ ସାହୁ

ଭୟ, ଶଙ୍କା ଆଉ ଆଶଙ୍କା । ଭୂତ ଭଳି ଗୋଡ଼ାଉଛି । ଝୁଲୁଛି ଚାକିରିରୁ ଛଟେଇର ଖଣ୍ଡା । ଏଆଇ ଫାଶ ପେସାଦାରମାନଙ୍କ ଚାକିରି ଖାଇଲାଣ । ଆଗକୁ ଅଧିକ ଛଟେଇ ହେବ । ହେଲାଣ ଏମିତି ଭବିଷ୍ୟବାଣୀ । ଯୁବପଢ଼ି ଏବେ ଚିନ୍ତାରେ । ଏଆଇ ସପକ୍ଷରେ ବି ଓକିଲାତି କମ୍ ନୁହେଁ । ଏ ପ୍ରଯୁକ୍ତିବିଦ୍ୟା କାଳେ ଦକ୍ଷତା ଓ ସୃଜନଶୀଳତାକୁ ଶୀର୍ଷକୁ ନେବ । ଏଆଇର ବିକାଶ ଯେ ଦୁନିଆରେ ବଡ଼ ପରିବର୍ତ୍ତନ ଆଣିବାକୁ ଯାଉଛି ତାହା କିନ୍ତୁ ଜଳଜଳ ।

ରାତିରେ ସୁନେଲି ସ୍ୱପ୍ନ । ସକାଳ ପାଇଲା ବେଳକୁ ଅନ୍ତର୍ଦାହ ଆଉ ଛଟପଟ । ନିଦ ଭାଙ୍ଗିଲା ବେଳକୁ ମୋବାଇଲରେ ଦୁଇଟି ମେସେଜ୍ । 'ଆପଣଙ୍କ ଚାକିରି ସରିଯାଇଛି । ମେଲ୍ ଚେକ୍ କରନ୍ତୁ' । ମେଲ୍ ଦେଖିଲା ବେଳକୁ ଚାକିରି ନାହିଁ । ଇ-କମର୍ସ କମ୍ପାନି ଆମାଜନ ଏମିତି ଶକ୍ତ ଝଟ୍‌କା ଦେଇଛି ନିଜ କର୍ମଚାରୀଙ୍କୁ । ଜଣେ କି ଦି' ଜଣ ନୁହଁ, ୧୪ହଜାର କର୍ମଚାରୀଙ୍କୁ ଚାକିରିରୁ ବିଦା କରିଛି ଆମାଜନ ଏହା ପଛର କାରଣ କାଳେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତା (ଏଆଇ) । ଡେମୋକ୍ଲିସ୍‌ର ଖଣ୍ଡା ଭଳି ଏବେ ଏଆଇର କୋକୁଆଭୟ । ନାୟକ ସାଜିଛି ଖଳନାୟକ । ମଣିଷ ସମାଜ ପାଇଁ ଏଆଇ ଆଶୀର୍ବାଦ ନା ଅଭିଶାପ? ଏହା ଏବେ 'ମିଲିୟନ ଡଲାର୍'ର ପ୍ରଶ୍ନ ଭାବେ ଉଭା ହୋଇଛି । କିଏ କହୁଛି ଏହା ହେଉଛି ପରିବର୍ତ୍ତନର ବାହକ । ଆଉ କାହାର ଯୁକ୍ତି ଚାକିରି ତ ଗିଳିଦେବ, ବୁଦ୍ଧିଆ ଏଆଇ ମଣିଷକୁ କରିବ ଉଠବସ୍ । ବିବାଦ ଆଉ ବିତର୍କରେ ପଡୁନି ପୂର୍ଣ୍ଣଚ୍ଛେଦ ।

ଅଦ୍ଭୁତ, ବିଚକ୍ଷଣ

ଅକଳ୍ପନୀୟ ଅଦ୍ଭୁତ । ଅବିଶ୍ୱସନୀୟ ଆଉ ବିଚକ୍ଷଣ । ଅନୁମାନଠୁ ଅଧିକ କାମ କରୁଛି ଏଆଇ । ମଣିଷର ମସ୍ତିଷ୍କରୁ ଜନ୍ମ ନେଇଥିବା ଏଆଇ ଏବେ ମଣିଷକୁ ଟପିଯିବାକୁ ବସିଛି । କ'ଣ ଏଇ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ? କେଉଁ କାରଣରୁ ଏହା ଏବେ ବଡ଼ ଖବର ପାଲଟିଛି? କୃତ୍ରିମ ବୁଦ୍ଧିମତା ହେଉଛି ଏପରି ଏକ ବ୍ୟବସ୍ଥା, ଯାହା କମ୍ପ୍ୟୁଟର ମାଧ୍ୟମରେ ତଥ୍ୟର ଅନୁଶୀଳନ ଓ ବିଶ୍ଳେଷଣ କରି ମଣିଷର ଆବଶ୍ୟକତା ପୂରଣରେ ସକ୍ଷମ ହେଉଛି । ତାହା ପୁଣି ଖୁବ୍‌ଶୀଘ୍ର । ଇଣ୍ଟରନେଟ୍‌ରେ ଥିବା ଲକ୍ଷ ଲକ୍ଷ ୱେବ୍‌ସାଇଟରୁ କମ୍ ସମୟରେ ତଥ୍ୟ ସଂଗ୍ରହ କରି ସାରାଂଶକୁ ଆମ ଆଗରେ ରଖେ । ଆମ ଜୀବନକୁ ବହୁଳ ଭାବେ ପ୍ରଭାବିତ କରୁଥିବା ପ୍ରାୟ ସବୁକ୍ଷେତ୍ରକୁ ଏଆଇ କଲାଣି ଅବାଧ ପ୍ରବେଶ । କ୍ୟାନ୍‌ସର ଭଳି ରୋଗ ପାଇଁ ଔଷଧ ତିଆରି କରିପାରୁଛି ଏଆଇ । ଇ-କମର୍ସ, ଗେମିଂ, ଗ୍ରାହକ ସେବା, ପରିବେଶ ଅନୁଧ୍ୟାନ, ତଥ୍ୟ ସଂଗ୍ରହ ଓ ଅନୁଶୀଳନ, ପ୍ରଶାସନିକ ଦକ୍ଷତା ବୃଦ୍ଧିରେ ଏଆଇ କମାଲ କରୁଛି । ଭାରତରେ ଷ୍ଟାର୍ଟଅପ୍ ଉଦ୍ୟୋଗ ସହ କୃଷି, ସ୍ୱାସ୍ଥ୍ୟ ସେବା ଓ ଶିକ୍ଷା କ୍ଷେତ୍ରରେ ଏଆଇ ସାଜିଛି ମାଇଲଖୁଣ୍ଟ । ମଣିଷକୁ ଅମର ରଖିବା ଛଡ଼ା ପ୍ରାୟ ଅନ୍ୟ ସବୁ କ୍ଷେତ୍ରରେ ଏଆଇ ଆସ୍ଥାନ ଜମାଇ ସାରିଲାଣି ।

ଏହି କୃତ୍ରିମ ବୁଦ୍ଧିମତ୍ତାକୁ ଆଧାର କରି ତିଆରି ଚାଟ୍ ବଟ୍ ବା ଚାଟ୍ ଜିପିଟି ଏତେ ତ୍ୱରିତ ବେଗରେ କାମ କରୁଛି ଯେ ଏହା ଜୀବିକା ପାଇଁ ଛିଡ଼ା କଲାଣି ସଙ୍କଟ । ସଫ୍ଟୱେର, ଇ-କମର୍ସ କମ୍ପାନିଗୁଡ଼ିକ ଏଆଇ ସହଯୋଗ ନେଉଛନ୍ତି । ଛଟେଇ ହେଉଛନ୍ତି ମାନବ ସମ୍ବଳ । ଆକ୍ସେଞ୍ଚର, ଟିସିଏସ୍, ଆମାଜନ ଭଳି କମ୍ପାନି କର୍ମଚାରୀଙ୍କୁ ବିଦା କରି ଖର୍ଚ୍ଚକାଟ କରୁଛନ୍ତି । ଅନ୍ୟ ପ୍ରତିଷ୍ଠିତ କମ୍ପାନି ମଧ୍ୟ ଏହି ରାସ୍ତା ବାଛିବାକୁ ପ୍ରସ୍ତୁତ ହେଉଛନ୍ତି ।

ଜୀବିକା ଗିଳୁଛି ଏଆଇକାୟା ମେଲାଇ ଚାଲିଛି କୃତ୍ରିମ ବୁଦ୍ଧିମତ୍ତା । ଏଆଇର ବ୍ୟାପକ ବଜାର ପ୍ରବେଶ ଚାକିରି ଛଡ଼ାଇ ନେଉଛି । ହଜାର ହଜାର ସଂଖ୍ୟାରେ ଯୁବପିଢ଼ି ଜୀବିକା ହରାଉଛନ୍ତି । ନିବେଶ ଫାର୍ମ ଗୋଲ୍ଡମ୍ୟାନ୍ ସାର୍ ରିପୋର୍ଟ କହୁଛି, ଚାକିରି ବଜାରକୁ କବ୍‌ଜା କରିନେବ ଏଆଇ । ସାରା ବିଶ୍ୱରେ ପ୍ରାୟ ୩୦ କୋଟି ଚାକିରିକୁ ପ୍ରଭାବିତ କରିବ । ମଣିଷର କାମକୁ ହଡ଼ପ କରିନେବ କୃତ୍ରିମ ବୁଦ୍ଧିମତ୍ତା ବିଶିଷ୍ଟ ଆପ୍ ଅବା ସଫ୍‌ଟୱେର । ବହୁ ରାଷ୍ଟ୍ରୀୟ କମ୍ପାନିଗୁଡ଼ିକ ମଧ୍ୟ ମଣିଷର ବିକଳ୍ପ ଭାବେ ଏଆଇକୁ କରୁଛନ୍ତି ରେଡ କାର୍ପେଟ୍ ସ୍ୱାଗତ । ସାରା ପୃଥିବୀର ପେସାଦାର ମାନବ ସମ୍ବଳ ଏବେ ଶଙ୍କା ଓ ଆଶଙ୍କାରେ ଛଟପଟ । ମନରୁ ଚାକିରି ହରାଇବାର ଭୟ ଛାଡୁନି । ଚାକିରି ଯିବାର ଭୟ ଜୀବନକୁ ଯନ୍ତ୍ରଣା ଦେଲାଣି । ଆଇଟି କ୍ଷେତ୍ରରେ କାମ କରୁଥିବା ଲୋକମାନେ ଏକ ରକମ ଅନିଶ୍ଚିତତାରେ ଦିନ କାଟୁଛନ୍ତି ।

ଆମାଜନ ମାନବ ସମ୍ବଳ ମୁଖ୍ୟ ବେଥ ଗାଲେଟି ସ୍ପଷ୍ଟ ଭାବେ କହିଛନ୍ତି ଆମାଜନର ଏହି ପଦକ୍ଷେପ କେବଳ ଖର୍ଚ୍ଚ କାଟ ପାଇଁ ନୁହଁ । ଏହାର ବଡ଼ କାରଣ ହେଉଛି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ । ଏହା ଦର୍ଶାଉଛି, ଏଆଇ ଏବେ କେମିତି ଚାକିରି ଗ୍ରାସ କରିବାକୁ ବସିଛି । ଆଗାମୀ ଦିନରେ ଏହା ଯେ ସାରା ଦୁନିଆକୁ କବଳିତ କରିବ, ନିଯୁକ୍ତି କ୍ଷେତ୍ର ସଂକୁଚିତ ହେବ ଏମିତି ଆଶଙ୍କା ଛିଡ଼ା କଲାଣି । ଏଆଇର 'ଗଡ୍‌ଫାଦର' ଜେଫ୍ରି ହିଣ୍ଟନ୍ ସତର୍କବାଣୀ କଲେଣି, ଆଗକୁ ଆଉ ଖୋଜା ପଡ଼ିବନି ମଣିଷ । ଆଦର ପାଇବ ଏଆଇ । ବିପଦମୁଖୀ ହେବ ମାନବ ସମାଜ । ଏକଦା ଏଆଇ ବିକଶିତ କରି ହିଣ୍ଟନ ଏବେ ଶଙ୍କାଗ୍ରସ୍ତ । ତାଙ୍କ ମତ ହେଉଛି, ଏଆଇ ମାନବତା ପାଇଁ ଶତ୍ରୁ ସାଜିଲାଣି । ଏଆଇ ଏବେ ଆମଠୁ କାହିଁକେତେଗୁଣା ବୁଦ୍ଧିମାନ ହେଲାଣି । ଟେସଲା ମୁଖିଆ ଏଲନ୍ ମସ୍କ ଏଆଇକୁ ବନ୍ଦ କରିବା ପାଇଁ ଅନେକ ଥର ଦାବି ରଖିଛନ୍ତି । ଯଦିଓ ସେ ମଧ୍ୟ ଏଆଇକୁ ଧରି ବାଟ ଚାଲୁଛନ୍ତି । କେବଳ ମସ୍କ ନୁହଁ, ବହୁ ବୁଦ୍ଧିଜୀବୀ ମଧ୍ୟ ଏଆଇକୁ ଭବିଷ୍ୟତ ପାଇଁ ବିପଦ ବୋଲି ଯୁକ୍ତି କରୁଛନ୍ତି । ଏଆଇ ଆଲାଇନ୍‌ମେଣ୍ଟ ଷ୍ଟାର୍ଟଅପ୍ 'ସଫ୍ଟମାକ୍ସ'ର ସିଇଓ ଇମେଟ୍ ଶିୟର ମତ ରଖ

ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ ପ୍ରକ୍ରିୟା ନେଇ ଜିଲ୍ଲାପାଳଙ୍କ ସାମ୍ବାଦିକ ସମ୍ମିଳନୀ

ଯାଜପୁର, ୩୧।୭(ଆପଣଙ୍କ ସ୍ୱର): ଯାଜପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପାଳଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଜିଲ୍ଲାର ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ (SIR) ପ୍ରକ୍ରିୟା ଅଧୀନରେ ନୂତନ ଚିଠା ଭୋଟର ତାଲିକା (Draft Electoral Roll) ପ୍ରକାଶ ପାଇଛି । ଏହା ସହିତ ଜିଲ୍ଲାରେ ଭୋଟରମାନଙ୍କ ସୁବିଧା ପାଇଁ ମତଦାନ କେନ୍ଦ୍ର ଗୁଡ଼ିକର ସଂଶୋଧନ ଓ ନୂତନ ବୁଥ୍ ପୁନଃନିର୍ଦ୍ଧାରଣ ସମ୍ପର୍କରେ ସୂଚନା ଦିଆଯାଇଛି ।

ଯାଜପୁର ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ଯୋଗଦେଇ କହିଲେ ଆଜି ଜିଲ୍ଲାର ସମସ୍ତ ୭ଟି ନିର୍ବାଚନ ମଣ୍ଡଳୀ ପାଇଁ ଚିଠା ଭୋଟର ତାଲିକା (Draft Electoral Roll) ପ୍ରକାଶ କରାଯାଇଛି ।ଏଥିପାଇଁ ଆରମ୍ଭ ହୋଇଥିବା ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ (SIR) ପ୍ରକ୍ରିୟା ଅନୁଯାୟୀ, ବିଏଲଓ (BLO) ମାନେ ଘରକୁ ଘର ବୁଲି ଫର୍ମ ବଣ୍ଟନ କରିବା ସହ ମ୍ୟାପିଂ କାର୍ଯ୍ୟ ସମ୍ପନ୍ନ କରିଛନ୍ତି । ଏହି ପ୍ରକ୍ରିୟା ପରେ ବର୍ତ୍ତମାନ ଏକ ସୂଚନା ତାଲିକା ଜାରି କରାଯାଇ ନୋଟିସ ମାଧ୍ୟମରେ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି । ଏହି ପ୍ରକାଶିତ ଚିଠା ତାଲିକାରେ କାହାର ନାମ ସାମିଲ ହୋଇଛି ଏବଂ କାହାର ନାମ ବାଦ୍ ପଡ଼ିଛି, ସେ ସମ୍ବନ୍ଧରେ ନାଗରିକମାନେ ଯାଞ୍ଚ କରିପାରିବେ ଏବଂ ନିଜର ଦାବି କିମ୍ବା ଆପତ୍ତି ଅଭିଯୋଗ ପାଇଁ ଆବେଦନ ପତ୍ର ଦାଖଲ କରିପାରିବେ । ଏହି ଆବେଦନ ପ୍ରକ୍ରିୟା ଆଜିଠାରୁ ତଥା ତା ୦୫.୦୭.୨୦୨୬ ରିଖ ଠାରୁ ଆରମ୍ଭ ହେବ । ସେପ୍ଟେମ୍ବର ୬ ତାରିଖ ଦିନ ଚୂଡ଼ାନ୍ତ ଭୋଟର ତାଲିକା ଚିଠା ପ୍ରକାଶିତ କରାଯିବ । ୭ ଟି ନିର୍ବାଚନ ମଣ୍ଡଳୀର ଇ.ଆର୍.ଓ ମାନେ ବ୍ଲକ୍ ହେଡ କ୍ୱାର୍ଟର ରେ ସମସ୍ତ ସୁବିଧା ପ୍ରଦାନ ପୂର୍ବକ ନୋଟିସ ଜାରି କରିବେ । ଏହି ପ୍ରକ୍ରିୟାରେ ପ୍ରଥମେ ଅବଜେକ୍ସନ୍ ପିରିଅଡ ରହିବ । ଯେଉଁ ମାନଙ୍କର କିଛି ଅବଜେକ୍ସନ୍ ଥିବ ଅବଜେକ୍ସନ୍ ପିରିଅଡ ମଧ୍ୟରେ ଅବଜେକ୍ସନ୍ ଗ୍ରହଣ କରାଯିବ । ଏବଂ ନୋଟିସ ମାଧ୍ୟମରେ ଡିସପୋଜାଲ କରାଯିବ । ଏହି ପ୍ରକ୍ରିୟାରେ ସ୍ୱଚ୍ଛତା ରକ୍ଷା କରାଯିବା ସହ ପ୍ରତି ୧୨୦୦ ଭୋଟରଙ୍କପାଇଁ ଏକ ମତଦାନ କେନ୍ଦ୍ର ବ୍ୟବସ୍ଥାକୁ ଆଧାର କରି ବୁଥ୍‌ଗୁଡ଼ିକର ପୁନଃନିର୍ଦ୍ଧାରଣ (Rationalization) କରାଯାଇଛି । ଏହାଦ୍ୱାରା ଜିଲ୍ଲାରେ ମୋଟ ୪୦୭ ଟି ନୂତନ ମତଦାନ କେନ୍ଦ୍ର ସୃଷ୍ଟି ହୋଇଛି, ଯାହାଫଳରେ ପୂର୍ବରୁ ଥିବା ୧୬୩୯ ଟି ବୁଥ୍ ସଂଖ୍ୟା ଏବେ ବୃଦ୍ଧି ପାଇ ୨୦୪୬ ରେ ପହଞ୍ଚିଛି ।ଜିଲ୍ଲାପାଳ ଆହୁରିମଧ୍ୟ କହିଛନ୍ତି ଯେ, ଭୋଟର ତାଲିକାର ସ୍ୱଚ୍ଛତା ଓ ଶୁଦ୍ଧତା ବଜାୟ ରଖିବା ଏବଂ ଜଣେ ହେଲେ ବି ଯୋଗ୍ୟ ଭାରତୀୟ ନାଗରିକ ଯେପରି ଭୋଟର ତାଲିକାରୁ ବାଦ୍ ନପଡ଼ନ୍ତି, ତାହା ନିଶ୍ଚିତ କରିବା ପ୍ରଶାସନର ମୁଖ୍ୟ ଲକ୍ଷ୍ୟ । ଏହି ପ୍ରକ୍ରିୟାରେ କୌଣସି ପ୍ରକୃତ ଭୋଟର ଯେପରି ହଇରାଣ ନହୁଅନ୍ତି, ସେଥିପାଇଁ ସମସ୍ତ ଶ୍ରବଣ କେନ୍ଦ୍ର (Hearing Centres) ଗୁଡ଼ିକରେ ସ୍ୱଚ୍ଛ ଓ ସହଜ ପ୍ରକ୍ରିୟାରେ ଆପତ୍ତିର ଶୁଣାଣି କରିବାକୁ ERO ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହା ସହିତ ସ୍ଥାନୀୟ ଯାଞ୍ଚ ପରେ ତହସିଲଦାର ମାନଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟରେ ବାସିନ୍ଦା ପ୍ରମାଣପତ୍ର (Residence Certificates) ପ୍ରଦାନ କରିବାକୁ କୁହାଯାଇଛି । ପ୍ରକାଶିତ ସରକାରୀ ତଥ୍ୟ ଅନୁଯାୟୀ, ପୂର୍ବରୁ ଜିଲ୍ଲାରେ ମୋଟ ଭୋଟର ସଂଖ୍ୟା ୧୫,୩୭,୧୦୧ ଥିବାବେଳେ ସଂଶୋଧନ ପରେ ଏବେ ମୋଟ ସଂଖ୍ୟା ୧୪,୩୨,୦୮୭ ହୋଇଛି । ଏହି ପ୍ରକ୍ରିୟାରେ ବିଭିନ୍ନ କାରଣରୁ ୧,୦୫,୦୧୪ ଜଣ ଭୋଟରଙ୍କ ନାମ ତାଲିକାରୁ ବାଦ୍ ଦେବା ପାଇଁ ପ୍ରସ୍ତାବ ଦିଆଯାଇଛି । ବର୍ତ୍ତମାନର ସଂଶୋଧିତ ତାଲିକାରେ ୭,୪୬,୫୨୯ ଜଣ ପୁରୁଷ ଭୋଟର, ୬,୮୫,୫୦୧ ଜଣ ମହିଳା ଭୋଟର ଏବଂ ୫୩ ଜଣ ଟ୍ରାନ୍ସଜେଣ୍ଡର (Transgender) ଭୋଟର ସାମିଲ ଅଛନ୍ତି । ଯାଜପୁର ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ୨,୨୮,୪୪୫ ଭୋଟର ଥିବାବେଳେ ବଡ଼ଚଣାରେ ସର୍ବନିମ୍ନ ୧,୭୩,୬୫୦ ଭୋଟର ରହିଛନ୍ତି ।

ରାସନାଲାଇଜେସନ ପ୍ରକ୍ରିୟା ପରେ ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ ନିର୍ବାଚନ ମଣ୍ଡଳୀରେ ବୁଥ୍ ସଂଖ୍ୟା ୨୦୪୬ ବୃଦ୍ଧି ପାଇଛି ବୋଲି ତଥ୍ୟରୁ ଜଣାପଡ଼ିଛି । ବିଞ୍ଜାରପୁରରେ ୬୫ଟି, ବରାରେ ୬୭ଟି, ବଡ଼ଚଣାରେ ୫୫ଟି, ଧର୍ମଶାଳାରେ ୬୧ଟି, ଯାଜପୁରରେ ୫୮ଟି, କୋରେଇରେ ୫୨ଟି ଏବଂ ସୁକିନ୍ଦାରେ ୪୯ଟି ନୂତନ ବୁଥ୍ ସୃଷ୍ଟି କରାଯାଇଛି । ଏହି ସମଗ୍ର କାର୍ଯ୍ୟ ପାଇଁ ଜିଲ୍ଲାରେ ୨୦୪୬ ଜଣ ବିଏଲଓ (BLO) ଏବଂ ୨୦୫ ଜଣ ବିଏଲଓ ସୁପରଭାଇଜରଙ୍କୁ ନିୟୋଜିତ କରାଯାଇଛି ।ଜିଲ୍ଲା ପ୍ରଶାସନ ପକ୍ଷରୁ ଜାରି ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ (SIR) ର ପରବର୍ତ୍ତୀ କାର୍ଯ୍ୟସୂଚୀ ଅନୁଯାୟୀ, ଆଜିଠାରୁ ଅର୍ଥାତ୍ ୫ ଜୁଲାଇରୁ ୪ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲର ଅବଧି ଧାର୍ଯ୍ୟ କରାଯାଇଛି । ଏହାପରେ ୫ ଜୁଲାଇରୁ ୨ ସେପ୍ଟେମ୍ବର ମଧ୍ୟରେ ଆପତ୍ତି ଅଭିଯୋଗର ଯାଞ୍ଚ ଓ ନିଷ୍ପତ୍ତି ପ୍ରକ୍ରିୟା ଶେଷ ହେବ ଏବଂ ଆସନ୍ତା ୬ ସେପ୍ଟେମ୍ବର ୨୦୨୬ରେ ଚୂଡ଼ାନ୍ତ ଭୋଟର ତାଲିକା (Final Electoral Roll) ପ୍ରକାଶ ପାଇବ । ଯୋଗ୍ୟ ନାଗରିକମାନେ ଏହି ସମୟ ମଧ୍ୟରେ ନିଜ ନାମ ଯାଞ୍ଚ କରିବା ସହ ଆବଶ୍ୟକ ସଂଶୋଧନ ପାଇଁ ଆବେଦନ କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଯୁଧିଷ୍ଠିର ନାଏକ, ଅତିରିକ୍ତ ଜିଲ୍ଲାପାଳ, ଶ୍ରୀ ଶିବାନନ୍ଦ ସ୍ୱାଇଁ, ଉପ-ଜିଲ୍ଲାପାଳ ଶ୍ରୀ ତାପସ ରଞ୍ଜନ ଦେହୁରୀ, ଅତିରିକ୍ତ ଉପ ଜିଲ୍ଲାପାଳ ପଲ୍ଲବୀ ରାଣୀ ରାଜ, ଡେପୁଟି କଲେକ୍ଟର, ଇଲେକ୍ସନ, ଶ୍ରୀ ଅଶୋକ କୁମାର ଦେହୁରୀ, ଜିଲ୍ଲା ସଭାପତି, ବି.ଜେ.ପି ଶ୍ରୀମତୀ ଦେବଯାନୀ ପ୍ରଧାନ, ବି.ଜେ.ଡି ପ୍ରତିନିଧି ଶ୍ରୀ ରମଣୀ ରଞ୍ଜନ ରାଉତରାୟ, ଜାତୀୟ କଂଗ୍ରେସ ପ୍ରତିନିଧି ଶ୍ରୀ ସଂଗ୍ରାମ ସାହାଣୀ, ବି.ଏସ.ପି ପ୍ରତିନିଧି ଅକ୍ଷୟ କୁମାର ଜେନା, ସି.ପି.ଆଇ.ଏମ୍ ପ୍ରତିନିଧି ଶ୍ରୀ ନିର୍ମଳ ରଥ ଏବଂ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ ।

ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ, ଯାଜପୁର ଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଯାଜପୁର, ୩୧।୭(ଆପଣଙ୍କ ସ୍ୱର): ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ମୋଟ ୧୭୬ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୩୮ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ ୦୫ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୩୧ ଗୋଟି ରେଡକ୍ରସ ପାଣ୍ଠିରୁ ୦୨ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୩୫ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ, ଯାଜପୁର ଶ୍ରୀ ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଯୁଧିଷ୍ଠିର ନାଏକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଦେବୀ ପ୍ରସାଦ ମହାନ୍ତି, , ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଯାଜପୁର ଶ୍ରୀ ବ୍ରହ୍ମାନନ୍ଦ ବେହେରା, ତହସିଲଦାର , ଯାଜପୁର ଶ୍ରୀ ରବିନାରାୟଣ ପାଢ଼ୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ ।

ଜିଲ୍ଲା ଜନଗଣନା ପୁସ୍ତିକା ପ୍ରସ୍ତୁତି ନିମନ୍ତେ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କ ପ୍ରଶିକ୍ଷଣ ଅନୁଷ୍ଠିତ

ଯାଜପୁର, ୩୧।୭(ଆପଣଙ୍କ ସ୍ୱର): ଜିଲ୍ଲା ଜନଗଣନା ପୁସ୍ତିକା (ହ୍ୟାଣ୍ଡ ବୁକ୍) ପ୍ରସ୍ତୁତି ନିମନ୍ତେ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କ ପ୍ରଶିକ୍ଷଣଶିବିର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ତା ୦୭.୦୭.୨୦୨୬ ରିଖ ରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଶିବିରକୁ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ତଥା ଜନଗଣନା ଅଧିକାରୀ ଶ୍ରୀଯୁକ୍ତ ଯୁଧିଷ୍ଠିର ନାୟକ ଙ୍କ ଦ୍ୱାରା ଉଦ୍ଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସହାୟକ ଜିଲ୍ଲାପାଳ ଶ୍ରୀମତୀ ନିବେଦିତା ପ୍ରଧାନ ଉପସ୍ଥିତ ଥିଲେ । ରାଜ୍ୟ ଜନଗଣନା ନିର୍ଦ୍ଦେଶାଳୟର ଉପ ନିର୍ଦ୍ଦେଶକ ପବିତ୍ର କୁମାର ମହଲା ଏବଂ ଜିଲ୍ଲା ଦାୟିତ୍ୱରେ ଥିବା ଜନଗଣନା ଅଧିକାରୀ ଉପେନ୍ଦ୍ର କୁମାର ନାୟକ ଟ୍ରେନର ଭାବରେ କ୍ଷେତ୍ରାଧିକାରୀ ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି ପ୍ରଶିକ୍ଷଣ ଶିବିର ଆଗାମୀ ୪ ଦିନ ଧରି ତା ୧୦.୦୭.୨୦୨୬ ରିଖ ପର୍ଯ୍ୟନ୍ତ ଚାଲିବ । ଏହି ଜିଲ୍ଲା ଜନଗଣନା ପୁସ୍ତିକା ପ୍ରସ୍ତୁତି ନିର୍ଭୁଲ ଭାବରେ ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ ସମାପ୍ତ କରିବାକୁ କ୍ଷେତ୍ରାଧିକାରୀ ମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ଉପଦେଶ ଦେଇଥିଲେ । ଜିଲ୍ଲା ଜନଗଣନା ପୁସ୍ତିକା ପ୍ରସ୍ତୁତି ଓ ଏହାର ବିଶେଷ ବ୍ୟବହାର ରହିଛି ବୋଲି ସହାୟକ ଜିଲ୍ଲାପାଳ କହିଥିଲେ । ଏହି ଶିବିରରେ ବିଭିନ୍ନ ତହସିଲରୁ ଆସିଥିବା ରାଜସ୍ୱ ତତ୍ତ୍ୱାବଧାରକ, ରାଜସ୍ୱ ନିରୀକ୍ଷକ ଏବଂ ଅମିନ ମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା ।

ଜିଲ୍ଲା ଜନଗଣନା ହସ୍ତପୁସ୍ତିକା ହେଉଛି ଭାରତର ଜନଗଣନା ବିଭାଗ ଦ୍ୱାରା ପ୍ରକାଶିତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକାଶନ । ପ୍ରତ୍ୟେକ ଜିଲ୍ଲା ପାଇଁ ପୃଥକ ଭାବରେ ଏହା ପ୍ରସ୍ତୁତ କରାଯାଏ । ଏହା ଏକ ପ୍ରାମାଣିକ ତଥ୍ୟଭଣ୍ଡାର, ଯାହା ଜିଲ୍ଲାର ଜନସାଂଖ୍ୟିକ, ସାମାଜିକ ଓ ଆର୍ଥିକ ସ୍ଥିତିକୁ ସମଗ୍ର ଭାବେ ଉପସ୍ଥାପନ କରେ । ଜିଲ୍ଲା ଜନଗଣନା ପୁସ୍ତିକା ଶିକ୍ଷାଗତ, ଚିକିତ୍ସା, ଯୋଗାଯୋଗ, ବ୍ୟାଙ୍କିଙ୍ଗ, ପରିବହନ, ପରିମଳ, ନାଗରିକ ଏବଂ ଅନ୍ୟାନ୍ୟ ସାମାଜିକ-ଆର୍ଥିକ ସୁବିଧା ସମ୍ବନ୍ଧୀୟ ବ୍ୟାପକ ଗ୍ରାମ ଏବଂ ସହର ସ୍ତରୀୟ ସୂଚନା ପ୍ରଦାନ କରେ ଏବଂ ଯୋଜନା, ପ୍ରଶାସନ, ଗବେଷଣା ଏବଂ ନୀତି ପ୍ରଣୟନ ପାଇଁ ପରିସଂଖ୍ୟାନ ସୂଚନାର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ ଭାବରେ କାର୍ଯ୍ୟ କରେ ।

ବ୍ୟାସନଗର ଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଯାଜପୁର, ୩୧।୭(ଆପଣଙ୍କ ସ୍ୱର): ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର କେ.ଏନ୍.ଡି.ଏ ସମ୍ମିଳନୀ କକ୍ଷ ବ୍ୟାସନଗର ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ମୋଟ ୨୭ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୫ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ ୦୨ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୧୦ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୧୦ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ, ଯାଜପୁର ଶ୍ରୀ ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଯୁଧିଷ୍ଠିର ନାଏକ, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ଶ୍ରୀ ସପନ କୁମାର ନନ୍ଦ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଦେବୀ ପ୍ରସାଦ ମହାନ୍ତି, , ଭାରପ୍ରାପ୍ତ ତହସିଲଦାର , ବ୍ୟାସନଗର ଶ୍ରୀ ପ୍ରଶାନ୍ତ କୁମାର ପୁହାଣ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ ।

ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ

ଯାଜପୁର, ୩୧।୭(ଆପଣଙ୍କ ସ୍ୱର): ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଚଳିତ ବର୍ଷ ୮୦ ତମ ଯାଜପୁର ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଅତିରିକ୍ତ ଜିଲ୍ଲାପାଳ, ଯାଜପୁର ଶ୍ରୀ ଯୁଧିଷ୍ଠିର ନାଏକଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଏହି ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ନାଏକ ଚଳିତ ବର୍ଷ ସ୍ୱାଧୀନତା ଦିବସକୁ ଆନନ୍ଦ ଉଲ୍ଲାସର ସହ ପାଳନ କରିବା ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ ଏବଂ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ । ଉକ୍ତ ବୈଠକରେ ଉପ ସଭାପତି ଜିଲ୍ଲା ପରିଷଦ, ଶ୍ରୀ ଗଣେଶ୍ୱର ବରାଳ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଯାଜପୁର, ଶ୍ରୀମତୀ ପୁଷ୍ପଲତା ବାରିକ, ଯାଜପୁର ପୌର ପରିଷଦ ଅଧକ୍ଷା ଶ୍ରୀମତୀ ରଞ୍ଜୁଲତା ହୋତା, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ, ଯାଜପୁର ଶ୍ରୀ ପ୍ରଶାନ୍ତ କୁମାର ମାଝୀ, ଅତିରିକ୍ତ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଯାଜପୁର ଶ୍ରୀ ଲମ୍ବୋଦର ଖୁଣ୍ଟିଆ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ବୈଠକର ନିଷ୍ପତ୍ତି ଅନୁଯାୟୀ ଜିଲ୍ଲା ସଦର ମହକୁମା ସ୍ଥିତ ପ୍ରଶାସନିକ ଭବନ ପଡ଼ିଆରେ ଚଳିତ ବର୍ଷ ସ୍ୱାଧୀନତା ଦିବସ ମହାସମାରୋହରେ ପାଳନ କରାଯିବ । ସ୍ୱାଧୀନତା ଦିବସ ଦିନ ପ୍ରତ୍ୟୁଷ ରୁ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ଆନୁକୂଲ୍ୟରେ ଡ଼ାକବାଜି ଯନ୍ତ୍ର ଯୋଗେ ସହରରେ ରାମଧୁନ ପରିବେଷଣ କରାଯିବ । ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଓଡ଼ିଆ ବକ୍ତୃତା ଓ ଦେଶାତ୍ମବୋଧକ ସଙ୍ଗୀତ, ପ୍ରାଥମିକ ଠାରୁ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ଚିତ୍ରାଙ୍କନ ଓ ମାଧ୍ୟମିକ , ଉଚ୍ଚବିଦ୍ୟାଳୟ ସ୍ତରରେ ଇଂରାଜୀ ବକ୍ତୃତା ପ୍ରତିଯୋଗିତା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଆନୁକୂଲ୍ୟରେ ଅନୁଷ୍ଠିତ ହେବ । ସେହିପରି ଦିବ୍ୟାଙ୍ଗ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେବ । ସ୍ୱାଧୀନତା ଦିବସ ଉପଲକ୍ଷେ ସନ୍ଧ୍ୟାରେ ସହରରେ ଥିବା ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, ବ୍ୟାଙ୍କ୍ ଓ ଶିଳ୍ପାନୁଷ୍ଠାନ ନିଜସ୍ୱ ବ୍ୟୟରେ ଆଲୋକମାଳାରେ ସୁ ସଜ୍ଜିତ କରିବା ନିମନ୍ତେ ଅନୁରୋଧ କରାଯାଇଛି । ସ୍ୱାଧୀନତା ଦିବସ ପ୍ୟାରେଡ଼ ପରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ନିମନ୍ତେ ଆସନ୍ତା ତା ୦୯.୦୭.୨୦୨୬ ରିଖ ମଧ୍ୟାହ୍ନ ଘ ୧୨.୦୦ ଟିକା ସମୟରେ ଗୌତମ ବୁଦ୍ଧ ସଂସ୍କୃତି ଭବନ ଠାରେ ସାଂସ୍କୃତିକ ଦଳ ଚୟନ ନିମନ୍ତେ ପ୍ରତିଯୋଗିତା ଏବଂ ଘ. ୧୦.୦୦ ଟିକା ସମୟରେ ଓପନ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ ଏବଂ ଅଭ୍ୟାସ ପ୍ୟାରେଡ଼ ତା ୧୧.୦୮.୨୦୨୬ ରିଖ ଓ ତା ୧୨.୦୮.୨୦୨୬ ରିଖ ଅପରାହ୍ନ ଘ ୩.୦୦ ଟିକା

ଓଁ ଗୁରବେ ନମଃ

(ଭାରତୀୟ ଦର୍ଶନ)

ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁଃ ଗୁରୁ ଦେବୋ ମହେଶ୍ୱରଃ ।
ଗୁରୁଃ ସାକ୍ଷାତ୍ ପରଂ ବ୍ରହ୍ମ ତସ୍ମୈ ଶ୍ରୀ ଗୁରବେ ନମଃ ।

ଭାରତୀୟ ଦର୍ଶନରେ ଗୁରୁ କେବଳ ଜଣେ ଶିକ୍ଷକ ନୁହଁନ୍ତି , ସେ ଜ୍ଞାନ, ସଂସ୍କାର, ସତ୍ୟ ଓ ଆତ୍ମସାକ୍ଷାତ୍କାରର ପଥପ୍ରଦର୍ଶକ । 'ଗୁରୁ' ଶବ୍ଦର ବ୍ୟୁତ୍ପତ୍ତି ଅନୁସାରେ 'ଗୁ' ଅର୍ଥ ଅନ୍ଧକାର ଏବଂ 'ରୁ' ଅର୍ଥ ତାହାର ନିବାରଣକାରୀ । ଅର୍ଥାତ୍ ଯିଏ ଅଜ୍ଞାନର ଅନ୍ଧକାର ଦୂର କରି ଜ୍ଞାନର ଆଲୋକ



ପ୍ରଦାନ କରନ୍ତି, ସେହି ହେଉଛନ୍ତି ଗୁରୁ । ଭାରତୀୟ ଦର୍ଶନରେ ଗୁରୁଙ୍କୁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ସହ ତୁଳନା କରାଯାଇଛି । ଏହାର ଅର୍ଥ ଗୁରୁ ହିଁ ପରମେଶ୍ୱର ବୋଲି ଘୋଷଣା କରିବା ନୁହେଁ, ବରଂ ଜ୍ଞାନପ୍ରଦାନ, ଜୀବନର ପାଳନ ଏବଂ ଅଜ୍ଞାନର ନାଶ କରିବାରେ ତାଙ୍କ ଭୂମିକାକୁ ତ୍ରିମୂର୍ତ୍ତିଙ୍କ କାର୍ଯ୍ୟ ସହ ତୁଳନା କରାଯାଇଛି ।ଭାରତୀୟ ଦର୍ଶନରେ ଗୁରୁ ହେଉଛନ୍ତି ଜୀବନର ଆଲୋକବର୍ତ୍ତିକା । ସେ କେବଳ ଶିକ୍ଷା ପ୍ରଦାୟକ ନୁହନ୍ତି, ବରଂ ବିବେକ, ନୈତିକତା, ଆତ୍ମଜ୍ଞାନ ଓ ମୁକ୍ତିର ପଥ ଦେଖାନ୍ତି । ତେଣୁ ଭାରତୀୟ ଚିନ୍ତନରେ ଗୁରୁଙ୍କୁ ମାତା ପିତାଙ୍କ ପରେ ସର୍ବୋଚ୍ଚ ସମ୍ମାନ ପ୍ରଦାନ କରାଯାଇଛି ଏବଂ ଗୁରୁଙ୍କ ପ୍ରତି ଶ୍ରଦ୍ଧାକୁ ଜ୍ଞାନାର୍ଜନର ପ୍ରଥମ ସୋପାନ ବୋଲି ଗଣ୍ୟ କରାଯାଇଛି ।

ଭାରତୀୟ ଦର୍ଶନର ବିଭିନ୍ନ ପରମ୍ପରାରେ ବେଦାନ୍ତ, ଯୋଗ, ସାଂଖ୍ୟ, ବୌଦ୍ଧ ଓ ଜୈନ ଦର୍ଶନରେ ମଧ୍ୟ ଗୁରୁ କିମ୍ବା ଆଚାର୍ଯ୍ୟଙ୍କ ସ୍ଥାନ ସର୍ବୋଚ୍ଚ । ବେଦାନ୍ତରେ ଗୁରୁ ବ୍ରହ୍ମବିଦ୍ୟାର ଉପଦେଶକ, ଯୋଗ ଦର୍ଶନରେ ସାଧନାର ପଥପ୍ରଦର୍ଶକ, ପରମ୍ପରାରେ ଧର୍ମର ଶିକ୍ଷକ ଏବଂ ଜୈନ ପରମ୍ପରାରେ ଆଚାର୍ଯ୍ୟ ମୋକ୍ଷମାର୍ଗର ଦିଗଦର୍ଶକ ଭାବେ ସମ୍ମାନିତ ।

ଓଁ ଗୁରବେ ନମଃ

ମନୋଜ କୁମାର ଭୋଇ
ଟିକାବାଲି , କନ୍ଧମାଳ
୯୩୩୭୨୦୧୩୦୨

ମନରେ ଆସୁ ମୋ ଭଲ ଭାବନା

ରମେଶ ଚନ୍ଦ୍ର ବେହେରା

ହେ ପରମେଶ୍ୱର ହେ ମଙ୍ଗଳମୟ
ମନରେ ଆସୁ ମୋ ଭଲ ଭାବନା
ପରର ମଙ୍ଗଳ ପର ହିତ ପାଇଁ
ନିତି କରୁଥିବି ଶୁଭ କାମନା ।

ପିତାମାତା ଗୁରୁ ଅତିଥିଙ୍କ ପାଇଁ
ଭରି ଦିଅ ମୋଠି ଭକ୍ତି ଭାବନା,
ଦିବାନିଶି ତାଙ୍କ ସେବା କରୁଥିବି
ହେବିନାହିଁ କେବେ ମୁଁ ଆନମନା ।

ସତ୍ୟଶାନ୍ତି ଦୟା ଗୁଣ ଆଚରିବି
ହିଂସାକୁ କରିବି ମନରୁ ଦୂର,
ତବ ପଦେ ପ୍ରଭୁ ଲୟ ରଖୁଥିବି
ଜୀବନେ ନ ଥିବ କାହାକୁ ଡର ।

ଦୁଃଖି ଅରକ୍ଷିତ ଆରତର ପାଇଁ
କାନ୍ଦି ଉଠୁଥାଉ ମୋର ପରାଣ,
ଆନଦୁଃଖେଦୁଃଖିହେବାଆଦରଶେ
ତୋଷ ହେଉଥିବ ମୋ ତନୁମନ ।

ଚଳାପଥ ମୋର କୁସୁମିତ କର
କରୁଛି ଶ୍ରୀପଦେ ଏହି ଗୁହାରି,
ତୁମ ଉପବନେ ମୁଁ ଛୋଟ କଳିକା
ନେଇଯାଅ ପାଶେ ମୋହାତ ଧରି ।

63700 03455
ସହକାରୀ ଶିକ୍ଷକ
ଗଁପୁର କଣ୍ଟାମଳିମ ସରକାରୀ ପ୍ରାଥମିକ ବିଦ୍ୟାଳୟ ।

ମାନବିକତା ରସ୍ୱର

କାଳନ୍ଦୀ ପ୍ରତାପ ସିଂହ

ମାନବିକତାର ସ୍ୱର ହେଉଛି ବିଶ୍ୱର ସବୁଠାରୁ ମଧୁର, ଶକ୍ତିଶାଳୀ ଏବଂ ପବିତ୍ର ସ୍ୱର ।ଏହା କୈଣସି ଭାଷା,ଧର୍ମ,ଜାତି କିମ୍ବା ଭୌଗୋଳିକ ସୀମା ମଧ୍ୟରେ ଆବଦ୍ଧ ନୁହେଁ । ଯେଉଁଠାରେ ପ୍ରେମ, ଦୟା, କ୍ଷମା ଏବଂ ସହାନୁଭୂତିର ପ୍ରକାଶ ଘଟେ, ସେଠାରେ ହିଁ ମାନବିକତାର ସ୍ୱର ଶୁଣିବାକୁ ମିଳେ ।

ମନୁଷ୍ୟ ସମାଜରେ ଜନ୍ମଗ୍ରହଣ କରିବା ମାତ୍ରେ ସେ ପ୍ରକୃତ ମଣିଷ ହୋଇଯାଏ ନାହିଁ । ମନୁଷ୍ୟତ୍ୱ ବା ମାନବିକତା ଗୁଣ ଯୋଗୁଁ ହିଁ ଜଣେ ବ୍ୟକ୍ତି ସୃଷ୍ଟିର ଶ୍ରେଷ୍ଠ ଜୀବ ଭାବେ ପରିଗଣିତ ହୁଏ ।"ବସୁଧୈବ କୁଟୁମ୍ବକମ୍" ଅର୍ଥାତ୍ ସମଗ୍ର ପୃଥିବୀ ଆମର ପରିବାର,ଏହି ଚିନ୍ତାଧାରା ହିଁ ମାନବିକତାର ମୂଳଦୁଆ । ଯେତେବେଳେ ଜଣେ ମଣିଷ ଅନ୍ୟ ଜଣକର ଦୁଃଖରେ ଦୁଃଖୀ ହୁଏ ଏବଂ ସାହାଯ୍ୟର ହାତ ବଢ଼ାଇ ଦିଏ, ସେତେବେଳେ ମାନବିକତାର ସ୍ୱର ସୃଷ୍ଟି ହୁଏ ।

ମାନବିକତାର ସ୍ୱର କେବଳ କଥାରେ ନୁହେଁ, ବରଂ କର୍ମରେ ଦେଖାଯିବା କଥା ।ନିଜ ସ୍ୱାର୍ଥ କୁ ଜଳାଞ୍ଜଳୀ ଦେଇ ପରୋପକାର,ଓ ଅନ୍ୟର ମଙ୍ଗଳ ପାଇଁ କାର୍ଯ୍ୟ କରିବା ଦରକାର । ଅନ୍ୟର କଷ୍ଟକୁ ନିଜ କଷ୍ଟ ଭାବି ଅନ୍ୟକୁ ସହାନୁଭୂତି ଦେଖାଇବା କଥା,"ଜୀବେ ଦୟା,ନାମେ ରୁଚି" ହେଉଛି ମାନବିକତାର ପ୍ରକୃତ ପରିଚୟ ।

ଆଜିର ଅତ୍ୟାଧୁନିକ, ବିଜ୍ଞାନ ଯୁଗରେ ମଣିଷ ପାଖରେ ସବୁ ସୁଖ-ସୁବିଧା ଥାଇ ମଧ୍ୟ ଅନେକ ସମୟରେ ଶାନ୍ତି ଓ ସନ୍ତୋଷର ଅଭାବ ଦେଖିବାକୁ ମିଳୁଛି । ଲୋଭ, ହିଂସା,ଏବଂ ସ୍ୱାର୍ଥପରତା ଯୋଗୁଁ ମଣିଷ ପରସ୍ପର ଠାରୁ ଦୁରେଇ ଯାଉଅଛି । ଏପରି ସ୍ଥିତିରେ ମାନବିକତାର ସ୍ୱରର ଆବଶ୍ୟକତା ଅତ୍ୟନ୍ତ ଜରୁରୀ । ଯୁଦ୍ଧ, ମହାମାରୀ କିମ୍ବା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଯେତେବେଳେ ଲୋକେ ଜାତି-ଧର୍ମ ନିର୍ବିଶେଷରେ ପରସ୍ପରକୁ ସହଯୋଗ କରନ୍ତି, ସେତେବେଳେ ପ୍ରମାଣିତ ହୁଏ ଯେ ମାନବିକତା ଆଜି ବି ଜୀବିତ ଅଛି ।

ଇତିହାସ ସାକ୍ଷୀ ଯେ ଯେଉଁମାନେ ମାନବିକତାର ସ୍ୱର କୁ ନିଜ ଜୀବନର ବ୍ରତ କରିଛନ୍ତି, ସେମାନେ ଅମର ହୋଇ ରହିଛନ୍ତି । ମହାତ୍ମାଗାନ୍ଧୀ ଯେପରି ସାରା ବିଶ୍ୱକୁ ଅହିଂସା ଓ ପ୍ରେମର ବାର୍ତ୍ତା ଦେଇ ସମସ୍ତଙ୍କୁ ପ୍ରଭାବିତ କରିପାରିଥିଲେ । ମଦର ଟେରେସା ଅନାଥ,ରୋଗି ଓ ଅସହାୟ ବ୍ୟକ୍ତିଙ୍କର ସେବାକରି ସେ ମାନବିକତାର ଶ୍ରେଷ୍ଠ ଉଦାହରଣ ପାଲଟି ଯାଇଥିଲେ ।"ମିଶୁ ମୋର ଦେହ ଏ ଦେଶ ମାଟିରେ, ଦେଶବାସୀ ଚାଲିଯାଆନ୍ତୁ ପିଠିରେ"ଏହା କହି ଉତ୍କଳ ମଣି ଗୋପବନ୍ଧୁ ଦାସ ନିଜ ଜୀବନକୁ ଜନସେବାରେ ଉତ୍ସର୍ଗ କରି ଦେଇଥିଲେ ।ଠିକ୍ ସେହିପରି ଜୀବ ଜଗତର ଦୁଃଖ, କଷ୍ଟ ଦେଖି ସନ୍ଥ କବି ଭୀମ ଭୋଇଙ୍କ ହୃଦୟ ବିଦାରିତ ହୋଇ, ତାଙ୍କ କଣ୍ଠରୁ ଝରି ପଡିଥିଲା "ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ
ଦେଖି ଦେଖି କେବା ସହୁ
ମୋ ଜୀବନ ପଛେ
ନର୍କେ ପଡି ଥାଉ
ଜଗତ ଉଦ୍ଧାର ହେଉ"

ଧନ୍ୟ ସେ ବ୍ୟକ୍ତିତ୍ୱ, ଧନ୍ୟ ସେ ବ୍ରକ୍ତି ,ଧନ୍ୟ ତାଙ୍କ ମାନବିକତା,ଧନ୍ୟ ତାଙ୍କ ମାନବ ଜନ୍ମ । ଯିଏ ନିଜର ସବୁକୁ ଜଳାଞ୍ଜଳୀ ଦେଇ ଜୀବ ଜଗତ ଓ ମାନବ ସମାଜ ପାଇଁ ନିଜକୁ ସେବାରେ ନିୟୋଜିତ କରିଥିଲେ ।

ମାନବିକତାର ସ୍ୱର ହିଁ ବିଶ୍ୱରେ ଶାନ୍ତି ଓ ମୈତ୍ରୀ ପ୍ରତିଷ୍ଠା କରିପାରିବ । ଯଦି ଆମେ ଜଣେ ପ୍ରକୃତ ମଣିଷ ହେବାକୁ ଚାହୁଁ, ତେବେ ଆମକୁ ନିଜ ଭିତରେ ଥିବା ମାନବିକତାକୁ ଜାଗ୍ରତ କରିବାକୁ ପଡ଼ିବ । ଅନ୍ୟକୁ ସମ୍ମାନ ଦେବା, କ୍ଷୁଧିତକୁ ଖାଦ୍ୟ ଏବଂ ଅନ୍ନୟ ଆଖିରୁ ଝରୁଥିବା ଲୁହ ପୋଛିଦେବା ହିଁ ମାନବିକତାର ପ୍ରକୃତ ସ୍ୱର । ଏହି ସ୍ୱର ଯେତିକି ଶକ୍ତିଶାଳୀ ହେବ, ପୃଥିବୀ ସେତିକି ସରସ ସୁନ୍ଦର ଏବଂ ବାସଉପଯୋଗୀ ହୋଇ ଗଢିଉଠିବ ,ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ଧନକଭଡ଼ା, ସମ୍ବଲପୁର
୯୭୬୧୯୮୯୫୨୨

ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଅସହାୟ ପରିବାରକୁ ସହାୟତା ପ୍ରଦାନ

ଧର୍ମଶାଳା, ୩୧ ।୭ (ଆପଣଙ୍କ ସ୍ୱର): ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ବସବାସ କରୁଥିବା ଗରିବ ଓ ଅସହାୟ ଲୋକମାନଙ୍କୁ ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଦ୍ୱାରା ପରିଚାଳିତ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ସହାୟତା ଯୋଗାଇ ଦିଆଯାଉଛି ।ରୋଗାଗ୍ରସ୍ତ ଲୋକମାନଙ୍କୁ ମାସିକ ଔଷଧ ସହିତ କୃତି ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ସମୟରେ ଲାପଟପ ପ୍ରଦାନ କରାଯାଉଥିବା ବେଳେ ଆର୍ଥିକ ଭାବେ ଅନଗ୍ରସର ଲୋକମାନଙ୍କୁ | ସେମାନଙ୍କ ଆବଶ୍ୟକତା ଅନୁଯାୟୀ ଆର୍ଥିକ ସହାୟତା ମଧ୍ୟ ଯୋଗାଇ ଦିଆଯାଉଛି । ଏହିକ୍ରମରେ ଧର୍ମଶାଳା ବିଧାୟକ ଶ୍ରୀ ସାହୁଙ୍କ ନିର୍ଦ୍ଦେଶକ୍ରମେ ଟ୍ରଷ୍ଟ ପକ୍ଷରୁ ଗରିବ ଅସହାୟ କମାଗଡ । ଫଚାୟତ ଗେଙ୍କୁଟିଆ ଗ୍ରାମର ନଳିନୀପ୍ରଭା ସାହୁ, ସେହିପରି ଆର୍ଥିକ ଅନଗ୍ରସର ଝଟିଆ ଫଚାୟତ ଝଟିଆ ଗ୍ରାମର ତୁକୁରୀ ।

ଦଳେଇ, ସୁକ୍ରିୟା ନିମନ୍ତେ ଝଟିଆ ଫଚାୟତ ଖରିଲୋ ଗ୍ରାମର ଗଦାଧର ମଲିକ, ଝିଅ ବିବାହ ପାଇଁ ମହିଶରା ଫଚାୟତ । ପାରୀକ୍ଷେତ ଗ୍ରାମର ରବିନ୍ଦ୍ର ଦେଉରୀ, ଝିଅର ପାଠ ପଢା ନିମନ୍ତେ ମହିଶରା ଫଚାୟତ ଦଉଲତପୁର ଗ୍ରାମର କାର୍ତ୍ତିକ ବେହେରା, । ଆର୍ଥିକ ଅନାଟନରେ ଥିବା ଅରେଇକଣା ଫଚାୟତ ଅରେଇକଣା ଗ୍ରାମର ଅଶୋକ ମଲିକ, ଅର୍ଥିକ ଅନାଟନରେ ଥିବା ଅରେଇକଣା । ଫଚାୟତ ଅରେଇକଣା ଗ୍ରାମର ଆକାଶ ରାୟ, କଲେଜରେ ପୁଅର ନାମ ଲେଖାଇବା ପାଇଁ ନଠୁଆବର ଫଚାୟତ କୃଷ୍ଣପଡା ଗ୍ରାମର ଅଞ୍ଚଳ ମଲିକ, ସେହିପରି ପିଲାଙ୍କ ପାଠପଢା ନିମନ୍ତେ ନଠୁଆବର ଫଚାୟତ କୃଷ୍ଣପଡା ଗ୍ରାମର ମାନସ ମଲିକ ଓ ଝିଅର ବାହାଘର ନିମନ୍ତେ କୃଷ୍ଣପଡା ଗ୍ରାମର କାର୍ତ୍ତିକ ମଲିକଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି । ବିଧାୟକ ଶ୍ରୀ ସାହୁଙ୍କ । ନିର୍ଦ୍ଦେଶକ୍ରମେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟର ସଦସ୍ୟମାନେ ସେମାନଙ୍କ ଘରେ ପହଁଚି ଆର୍ଥିକ ସହାୟତା ଦେଇଛନ୍ତି । ଗରିବ, । ଅସହାୟ ଓ ନିସ୍ୱେଷିତ ଲୋକମାନଙ୍କ ଅବଶ୍ୟକତାରେ ଧର୍ମଶାଳା ବିଧାୟକ ସଦା ସର୍ବଦା ଛିଡା ହେବାକୁ ପଣ କରିଛନ୍ତି । ଆଗକୁ ଏଭଳି ସହାୟତା ଜାରିରହିବ ବୋଲି ବିଧାୟକ ଶ୍ରୀ ସନ୍ଥ ମତବ୍ୟକ୍ତ କରିଛନ୍ତି ।

ରାଜ୍ୟ କଂଗ୍ରେସ ଅନୁସୂଚିତ ଜାତି ତରଫରୁ "ଛାତ୍ରେଂ କି ଗୁଞ୍ଜ" କାର୍ଯ୍ୟକ୍ରମ

ଭୁବନେଶ୍ୱର ୩୧ ।୭ (ଆପଣଙ୍କ ସ୍ୱର):ରାଜ୍ୟ କଂଗ୍ରେସ ଭବନ ଠାରେ ଓଡ଼ିଶା ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ତରଫରୁ "ଛାତ୍ରେଂ କି ଗୁଞ୍ଜ" କାର୍ଯ୍ୟକ୍ରମ ବିଭାଗର ଅଧ୍ୟକ୍ଷ ଆଇନଜୀବି ମାନସ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ ମାନଙ୍କ ଗହଣରେ ଉପସ୍ଥିତ ରହି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀଯୁକ୍ତ ଭକ୍ତ ଚରଣ ଦାସ ଅଧୁନା ଭାରତବର୍ଷରେ ଯୁବ ଓ ଛାତ୍ର ସମାଜ କିପରି ଭାବେ ସରକାରଙ୍କ ଦ୍ୱାରା ପ୍ରତାରିତ ହେଉଛନ୍ତି ସେ ଦିଗ ଉପରେ ଆଲୋକପାତ କରିଥିଲେ । ଶ୍ରୀଯୁକ୍ତ ଦାସ ଭାରତ ସରକାରଙ୍କୁ ଯୁବ ଛାତ୍ର ବିରୋଧି ସରକାର ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଛାତ୍ର ସମାଜର ଶତ୍ରୁ ଭାବେ ଅଭିହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଅଖିଳ ଭାରତ କଂଗ୍ରେସ କମିଟିର ଜାତୀୟ ସଂଯୋଜକ ତଥା ଭାରତୀୟ ଯୁବ କଂଗ୍ରେସର ପୂର୍ବତନ ସାଧାରଣ ସମ୍ପାଦକ ଶ୍ରୀ ପୂର୍ଣ୍ଣଚନ୍ଦ୍ର ପାଢ଼ୀ ଉପସ୍ଥିତ ଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ଆଇନଜୀବି ମଲ୍ଲିକ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିଥିଲେ ଓ କେନ୍ଦ୍ର ତଥା ରାଜ୍ୟ ସରକାର ଆଗାମୀ ଦିନ ମାନଙ୍କରେ ତ୍ରୁଟିମୁକ୍ତ ପରୀକ୍ଷା ପ୍ରଣାଳୀ ଅନୁସରଣ କରିବା ଉଚିତ ବୋଲି ନିଜ ବକ୍ତବ୍ୟରେ କହିଥିଲେ । ଉଲ୍ଲେଖଯୋଗ୍ୟ ଯେ ଗତବର୍ଷ ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ହେବାପରେ ସମସ୍ତ ଡାକ୍ତର ଆଶାୟୀ ପ୍ରାର୍ଥୀମାନେ ହତାଶ ହୋଇଥିଲେ ଓ ପ୍ରାୟ ୧୧ ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଥିଲେ । ଏକ ପରିସଂଖ୍ୟାନ କୁହେଯେ ୨୦୨୧ ମସିହାରୁ ଆଜି ପର୍ଯ୍ୟନ୍ତ ପ୍ରଶ୍ନପତ୍ର ପ୍ରଘଟ ହେବାରୁ ପ୍ରାୟ ୯୧ ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି । ସେଥିପାଇଁ ଭାରତ ବର୍ଷର ବିରୋଧି ଦଳ ନେତା ତଥା ଜନନାୟକ ରାହୁଲ ଗାନ୍ଧୀ ରାଜସ୍ଥାନର କୋଟା ସହର ଠାରୁ "ଛାତ୍ରେଂ କି ଗୁଞ୍ଜ" କାର୍ଯ୍ୟକ୍ରମ ଆରମ୍ଭ କରି ଦେଶର ବିଭିନ୍ନ ସ୍ଥାନରେ ଛାତ୍ରଛାତ୍ରୀ ମାନଙ୍କୁ ଭେଟି ଆଲୋଚନା କରିଆସୁଛନ୍ତି । ସେହି ମର୍ମରେ ଆସନ୍ତା ମାସ ପ୍ରଥମ ସପ୍ତାହରେ ଭୁବନେଶ୍ୱର ସହର ଠାରେ ମଧ୍ୟ ଶ୍ରୀ ଗାନ୍ଧୀଙ୍କର ଏକ କାର୍ଯ୍ୟକ୍ରମ ରହିଅଛି । ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସମ୍ପାଦକ ଶ୍ରୀ ଚିନ୍ମୟ ସୁନ୍ଦର ଦାସ, ପୂର୍ବତନ ପଛୁଆବର୍ଗ ଜାତୀୟ ସଂଯୋଜକରାଜକିଶୋର ବାରିକ, ଦେବାଶିଷ ମିଶ୍ର, ବିଭାଗର ଉପାଧ୍ୟକ୍ଷ ଶ୍ରୀ ତାପସ ସେଠୀ, ସାଧାରଣ ସମ୍ପାଦକ ଶ୍ରୀ ଆଶିଷ ମଲ୍ଲିକ, ସଂକୁନା କହଁର, ସୁରେନ୍ଦ୍ର ଦାସ, ରଞ୍ଜନ ଭୋଇ, ଅନୁଗୁଳ ଜିଲ୍ଲା ଅଧ୍ୟକ୍ଷ ଶ୍ରୀ ରାଜକିଶୋର ନାୟକ, ବରଗଡ଼ ଜିଲ୍ଲା ଅଧ୍ୟକ୍ଷ ଶ୍ରୀ ଅଭିଷେକ ସେଠ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନିଜ ନିଜର ମନ୍ତବ୍ୟ ରଖିଥିଲେ ।

ହାଣ୍ଡିଶାଳରେ ମହଙ୍ଗା ମାଡ଼

ଭୁବନେଶ୍ୱର୩୧ ।୭ (ଆପଣଙ୍କ ସ୍ୱର):ଅଳ୍ପ ରୋଜଗାରରେ ଜୀବନ କାଟୁଥିବା ଓଡ଼ିଆ ପରିବାର ପାଇଁ ଜୁଲାଇ ସବୁଠୁ ନିଷ୍ଠୁର ମାସ ସାବ୍ୟସ୍ତ ହୋଇଛି । ୫ଶହ ଟଙ୍କାରେ ପନିପରିବା କିଣିଲେ ସପ୍ତାହେ ଯାଉନି । ରାସନ କିଣିବାକୁ ଗଲେ ଦାମ୍ ଶୁଣି ମୁଣ୍ଡ ବୁଲାଇ ଦେଉଛି । ଘର ଚଳାଇବା ପାଇଁ ଯାହା ଦରକାର ସେସବୁର ଦାମ୍ ଏହାମଧ୍ୟରେ ବହୁତ ବଢ଼ିଯାଇଛି । ଗାଡ଼ିରେ ପେଟ୍ରୋଲ୍ ପକାଇବା ହେଉ କିମ୍ବା ଡାଲି, ଚାଉଳ କିଣିବା ହେଉ, ସବୁଥିରେ ଅଧିକ ଟଙ୍କା ଗଣିବାକୁ ପଡୁଛି । ଫଳରେ ସୀମିତ ରୋଜଗାରରେ ଘର ଚଳାଇବା କଷ୍ଟକର ହୋଇପଡ଼ିଛି । ସବୁଠୁ ଚିନ୍ତାର ବିଷୟ ହେଉଛି ଦରବୃଦ୍ଧିର କୌଣସି ଠୋସ୍ କାରଣ ମଧ୍ୟ ନାହିଁ । କେବଳ ଗୋଟିଏ ବଡ଼ କାରଣ ହେଉଛି ନିଜ ଆବଶ୍ୟକତା ମେଣ୍ଟାଇବା

ପାଇଁ ପର ରାଜ୍ୟ ଉପରେ ନିର୍ଭରଶୀଳତା । ଓଡ଼ିଶା ନିଜ ଆବଶ୍ୟକତାର ୯୦ ପ୍ରତିଶତ ଜିନିଷ ବାହାରୁ ମଗାଉଛି । ସେଠାରୁ ଅଧିକ ଦାମରେ ଅଣାଯାଉଥିବା ଜିନିଷ ରାଜ୍ୟର ବଜାରଗୁଡ଼ିକରେ ଆହୁରି ଅଧିକ ଦାମ୍‌ରେ ବିକ୍ରି ହେଉଛି । ବର୍ଷା ପାଗ ମଧ୍ୟ ସ୍ଥିତିକୁ ଆହୁରି ଜଟିଳ କରିଦେଇଛି ।ଓଡ଼ିଶା ବ୍ୟବସାୟୀ ମହାସଂଘର ମହାସଚିବ ସୁଧାକର ପଣ୍ଡାଙ୍କ ସୂଚନା ଅନୁସାରେ, ଗତ ଜୁନ ତୁଳନାରେ ଜୁଲାଇ ମାସରେ ସବୁ ଦରକାରୀ ରାସନ ସାମଗ୍ରୀ ମୂଲ୍ୟରେ ୨୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ହୋଇଛି । ଚିନି କେଜି ୪୧ ଟଙ୍କାରୁ ବଢ଼ି ୫୧ ଟଙ୍କା ହୋଇଛି । ଖାଇବା ତେଲ ଦର ୧୬୧ ଟଙ୍କାରୁ ବଢ଼ି ୧୯୦ ଟଙ୍କା ହୋଇଛି । ସୋରିଷ ତେଲ ଯାହା ପୂର୍ବରୁ ଲିଟର ପିଛା ୧୭୦ ଟଙ୍କାରେ ମିଳୁଥିଲା ତାହା ଏବେ ୧୮୪ ଟଙ୍କା ହୋଇଯାଇଛି । ଚାଉଳ କେଜି ୩୦ ଟଙ୍କାରୁ ବଢ଼ି ୪୫ ଟଙ୍କା, ବିରି କେଜି ୧୦୮ ଟଙ୍କାରୁ ବଢ଼ି ୧୨୦ ଟଙ୍କା, ମଇଦା ଦାମ ୨୯ ଟଙ୍କାରୁ ବଢ଼ି ୩୩ ଟଙ୍କା ଓ ସୁଜି ଦର ୩୧ ଟଙ୍କାରୁ ବଢ଼ି ୩୬ ଟଙ୍କା ହୋଇଯାଇଛି । ଅଧିକ ରପ୍ତାନି କରାଯାଉଥିବାରୁ ରାଜ୍ୟରେ ଚାଉଳ ଦର ବଢୁଥିବା କୁହାଯାଉଛି । କିନ୍ତୁ ଗହମ ଦର ସ୍ଥିର ଥିବା ସତ୍ତ୍ୱେ ସେଥିରୁ ପ୍ରସ୍ତୁତ ଜିନିଷଗୁଡ଼ିକର ଦାମ୍ କାହିଁକି ବଢୁଛି ତାହା ବୁଝାପଡୁନାହିଁ । କୌଣସି ଏକ ନିର୍ଦ୍ଦିଷ୍ଟ ମାସରେ ଅତ୍ୟାବଶ୍ୟକ ଜିନିଷ ଦରରେ ୨୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ଆଦୌ ଗ୍ରହଣୀୟ ନୁହେଁ ।

ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କଲେ ଡିଜିପି

ଭୁବନେଶ୍ୱର୩୧ ।୭ (ଆପଣଙ୍କ ସ୍ୱର): ଓଡ଼ିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଆସନ୍ତା ଅଗଷ୍ଟ ୩ ରୁ ୫ ତାରିଖ ପର୍ଯ୍ୟନ୍ତ ମହାମହିମଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ୪ ତାରିଖ ପୂର୍ବାହ୍ନରେ ଭୁବନେଶ୍ୱର ରେଳ ଷ୍ଟେସନଠାରୁ ବ୍ରହ୍ମପୁର ଅଭିମୁଖେ ଟ୍ରେନ ଯୋଗେ ଗସ୍ତ କରିବେ । ଏହାକୁ ଦୃଷ୍ଟିରେ ରଖି ରାଷ୍ଟ୍ରପତିଙ୍କ ଗସ୍ତକୁ ସୁରକ୍ଷିତ, ସୁବ୍ୟବସ୍ଥିତ ଏବଂ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ନିମନ୍ତେ ଶୁକ୍ରବାର ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।

ବୈଠକରେ ଡିଜିପି ସୁରକ୍ଷା ବ୍ୟବସ୍ଥାକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ସହ ସମସ୍ତ ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସୁରକ୍ଷା ବ୍ୟବସ୍ଥାରେ କୌଣସି ପ୍

ରଣବୀର ସିଂହଙ୍କ ରୋମାନ୍ସ କରିବେ କଲ୍ୟାଣୀ ପ୍ରିୟଦର୍ଶନ

'ଲୋକା: ଭାଗ-୧ ଚନ୍ଦ୍ରା'ର ବ୍ଲକବଷ୍ଟର ସଫଳତା ପରେ ବଲିଉଡ୍ ଡେବ୍ୟୁ ପାଇଁ ପ୍ରସ୍ତୁତ ହେଉଛନ୍ତି କଲ୍ୟାଣୀ ପ୍ରିୟଦର୍ଶନ । ଫିଲ୍ମ

'ପ୍ରଳୟ' ଜରିଆରେ ସେ ବଲିଉଡରେ ଏଣ୍ଟ୍ରି କରିବେ । ରଣବୀର ସିଂହଙ୍କ ଅପୋଜିଟରେ ଦମଦାର ଆକ୍ସନ୍-ପ୍ୟାକଡ ଅବତାରରେ ତାଙ୍କୁ ଦେଖିବାକୁ ପାଇବେ ସିନେପ୍ରେମୀ । ଚିରାଚରିତ ମୁଖ୍ୟ ନାୟିକା ଚରିତ୍ରଠୁ ଭିନ୍ନ ଅନ୍ଦାଜରେ ପରଦାକୁ ଓହ୍ଲାଇବେ କଲ୍ୟାଣୀ । ଜୋମ୍ବି-ଥ୍ରିଲରଧର୍ମୀ ଏହି ଫିଲ୍ମରେ ତାଙ୍କର ଦମଦାର ଷ୍ଟଣ୍ଟ ରହିବ । ରଣବୀରଙ୍କ ସମେତ ତାଙ୍କର ବ୍ୟାପକ ଲଢ଼େଇ ସିନ୍, ବିପଦପୂର୍ଣ୍ଣ ଷ୍ଟଣ୍ଟ ରହିବ ।

'ଲୋକା'ର ପ୍ରଥମ ଭାଗରେ କଲ୍ୟାଣୀ ଯକ୍ଷ ଭୂମିକାରେ ଦର୍ଶକଙ୍କ ପ୍ରଶଂସାର ପାତ୍ର ହେବା ପରେ ଆକ୍ସନ୍ ଫିଲ୍ମ ପ୍ରସ୍ତୁତ କରୁଥିବା ନିର୍ମାତାଙ୍କର ତାଙ୍କ ପ୍ରତି ଭରସା ବଢ଼ିଲା । 'ପ୍ରଳୟ'ରେ ଆକ୍ସନ୍ ସିକ୍ୱେନ୍ସ ଲାଗି ରଣବୀରଙ୍କ ଭଳି ସେ ଅନ୍ତର୍ଜାତୀୟଖ୍ୟାତିସମ୍ପନ୍ନ ଷ୍ଟଣ୍ଟ ପ୍ରଶିକ୍ଷକଙ୍କଠୁ ତାଲିମ ନେବେ । ଏହାକୁ ଭାରତର ସବୁଠୁ ବଡ଼ ଆକ୍ସନ୍ ଫିଲ୍ମ ରୂପେ ପରଦାକୁ ଆଣିବା ନିର୍ମାତାଙ୍କର ଯୋଜନା । ଦର୍ଶକଙ୍କୁ ହଲିଉଡ୍ ଫିଲ୍ମର ଅନୁଭବ ପ୍ରଦାନ କରିବା ସେମାନଙ୍କର ଲକ୍ଷ୍ୟ । ଆସନ୍ତା ମାସ ସୁଟିଂ ଫ୍ଲୋର୍କୁ ଓହ୍ଲାଇବ 'ପ୍ରଳୟ' । କଲ୍ୟାଣୀ ଆସନ୍ତା ସେପ୍ଟେମ୍ବରରେ 'ଲୋକା: ଭାଗ-୨'ର ସୁଟିଂ ଆରମ୍ଭ କରିବେ ବୋଲି ନିକଟରେ ସ୍ପଷ୍ଟ କରିଛନ୍ତି । ୫ ଭାଗଯୁକ୍ତ ଏହି ପ୍ରୋଜେକ୍ଟ ଆଞ୍ଚଳିକ ଲୋକକଥାର ନାଟ୍ୟ ରୂପାନ୍ତର ।

ଟ୍ରୋଲ୍ ହେଲେ ଅନନ୍ୟା

ସମାଲୋଚନା ସହ ଅନନ୍ୟା ପାଣ୍ଡେଙ୍କ ସମ୍ପର୍କ ଖୁବ୍ ପୁରୁଣା । ପ୍ରତିଦିନ ଯେକୌଣସି କାରଣ ପାଇଁ ସେ ସମାଲୋଚନାର ଶିକାର ହୋଇଥାନ୍ତି । ଏ ଥର ତାଙ୍କର ଏକ ଭିଡିଓ ଚର୍ଚ୍ଚାକୁ ଆସିଛି, ଯେଉଁଥିରେ ତାଙ୍କ ହିନ୍ଦୀ ଜ୍ଞାନ ପାଇଁ ୟୁଜର୍ ତାଙ୍କୁ ସମାଲୋଚନା କରୁଛନ୍ତି । ନିକଟରେ ଅନନ୍ୟା ଏକ ଫ୍ୟାଶନ୍ ଶୋ'ରେ ରାମ୍ପ୍ ୱାକ୍ କରିଥିଲେ । ଏହା ପରେ ଜଣେ କଣ୍ଟେଣ୍ଟ କ୍ରିଏଟର ତାଙ୍କୁ କିଛି ପ୍ରଶ୍ନ ପଚାରିଥିଲେ । ଅନନ୍ୟାଙ୍କୁ ପଚରାଗଲା, ହିନ୍ଦୀରେ କେଉଁ ଶବ୍ଦ ଉଚ୍ଚାରଣ କରିବା ସବୁଠୁ କଷ୍ଟକର । ଅନନ୍ୟା ବେଶ କିଛି ସମୟ ଏ ବିଷୟରେ ଚିନ୍ତା କଲେ । ତା'ପରେ କହିଲେ 'ରୋଷେଇ ଘର' ।

ତାଙ୍କ ଅନୁସାରେ, ଏହା ହିନ୍ଦୀର ସବୁଠୁ କଷ୍ଟକର ଶବ୍ଦ ଯାହାକୁ ସହଜରେ କହି ହୁଏ ନାହିଁ । ତାଙ୍କର ଜବାବ ଲୋକଙ୍କୁ ଚକିତ କରିଛି । ସୋସିଆଲ ମିଡିଆରେ ତାଙ୍କ ଭିଡିଓ ଖୁବ୍ ଭାଇରାଲ ହେଉଛି । ତାଙ୍କୁ ଭଲ ହିନ୍ଦୀ ଆସେନାହିଁ, ଏହା ତା'ର ଜ୍ୱଳନ୍ତ ଉଦାହରଣ ବୋଲି ଲୋକେ କହୁଛନ୍ତି । ଆଉ କିଛି ତାଙ୍କ ପିଆର୍ ଟ୍ରେନିଂ ଉପରେ ପ୍ରଶ୍ନ ଉଠାଇଛନ୍ତି । କେଉଁ ପରିସ୍ଥିତିରେ କ'ଣ କୁହାଯିବ ତାଙ୍କୁ ଶିଖାଯାଇ ନାହିଁ ବୋଲି ଚର୍ଚ୍ଚା ହେଉଛି । ତେବେ ନିକଟରେ ମୁକ୍ତିପ୍ରାପ୍ତ ଫିଲ୍ମ 'ଚାନ୍ଦ ମେରା ଦିଲ୍' ପାଇଁ ଅନନ୍ୟା ଖୁବ୍ ଟ୍ରୋଲ୍ ହୋଇଥିଲେ । ଫିଲ୍ମରେ ଭରତନାଟ୍ୟମ୍ ଓ ହିପ୍-ହପ୍ର ଫ୍ୟୁଜନ୍ ନୃତ୍ୟ ପାଇଁ ତାଙ୍କୁ ଖୁବ୍ ସମାଲୋଚନା କରାଯାଇଥିଲା ।

'ବାରାଣସୀ'ରେ ପ୍ରିୟଙ୍କା

ଜନ୍ମଦିନ ଅବସରରେ ପ୍ରିୟଙ୍କା ଚୋପ୍ରାଙ୍କ ଆଗାମୀ ଫିଲ୍ମ 'ବାରାଣସୀ'ର ଏକ ନୂତନ ଲୁକ୍ ସାମ୍ନାକୁ ଆସିଛି । ଏଣ୍ଟରଟେନ୍‌ମେଣ୍ଟ ୱିକ୍‌ଲି ପକ୍ଷରୁ ସୋସିଆଲ୍ ମିଡିଆରେ ସେୟାର୍ କରାଯାଇଥିବା ଏହି ଫିଲ୍ମର ପ୍ରଥମ ଅଫିସିଆଲ୍ ଫଟୋଗୁଡ଼ିକରେ ପ୍ରିୟଙ୍କାଙ୍କୁ ଏକ ଉଗ୍ର ଅବତାରରେ ଦେଖିବାକୁ ମିଳିଛି । ଏସ୍. ଏସ୍. ରାଜମୌଳିଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ପ୍ରିୟଙ୍କା ମନ୍ଦାକିନୀ ଚରିତ୍ରରେ ନଜର ଆସୁଛନ୍ତି, ଯିଏ ଅତ୍ୟଧିକ ଭ୍ରମଣପ୍ରିୟ । ଫଟୋରେ ସେ କଳା ପୋଷାକରେ ନଜର ଆସିଛନ୍ତି । କୁହାଯାଉଛି, ଫିଲ୍ମର ହିରୋ ମହେଶ ବାବୁଙ୍କ ସହ ଏକ ଡ୍ୟାନ୍ସ ସିକ୍ୱେନ୍ସ ସୁଟିଂ ପାଇଁ ତାଙ୍କୁ ଏହି ନୂଆ ଲୁକ୍‌ରେ ଦେଖିବାକୁ ମିଳିବ ।

ପ୍ରାରମ୍ଭିକ ଅବସ୍ଥାରେ ଫିଲ୍ମଟିର ତେଲୁଗୁ ଭର୍ସନ୍ ନିର୍ମିତ ହେଉଥିବା ବେଳେ ହିନ୍ଦୀ ସମେତ ତାମିଲ, ତେଲୁଗୁ, ମାଲୟାଲମ୍, କନ୍ନଡ଼ ଓ ଇଂରାଜି ଭାଷାରେ ମଧ୍ୟ ଏହା ରିଲିଜ୍ ହେବ । ମହାକାବ୍ୟ ରାମାୟଣ ଉପରେ ଏହି ଫିଲ୍ମ ଆଧାରିତ । ଏଥିରେ ମାଲୟାଲମ୍ ଷ୍ଟାର୍ ପୃଥ୍ୱୀରାଜ ସୁକୁମାରନ୍ ଖଳନାୟକ କୁମ୍ଭ ଭୂମିକାରେ ଅଭିନୟ କରୁଛନ୍ତି । ନିକଟରେ ପ୍ରିୟଙ୍କା ସୋସିଆଲ୍ ମିଡିଆରେ ଲେଖିଥିଲେ ଯେ, ସେ ପ୍ରାୟ ୧୪ ମାସ ଧରି ଏହି ଫିଲ୍ମରେ କାମ କରୁଛନ୍ତି । ରାଜମୌଳି ଚଳଚ୍ଚିତ୍ର ନିର୍ମାଣ ପାଇଁ ବହୁତ ସମୟ ନିଅନ୍ତି ଏବଂ ଏଥିପାଇଁ ସେ ବେଶ୍ ଉତ୍ସାହିତ । ଚଳଚ୍ଚିତ୍ରଟି ୭ ଏପ୍ରିଲ୍ ୨୦୨୭ରେ ବିଶ୍ୱବ୍ୟାପୀ ଥିଏଟର୍‌ରେ ମୁକ୍ତିଲାଭ କରିବ ବୋଲି କୁହାଯାଇଛି ।

ମହାକାଳଙ୍କ ଶରଣରେ କାର୍ତ୍ତିକ

ବଲିଉଡ୍ ଅଭିନେତା କାର୍ତ୍ତିକ ଆର୍ଯ୍ୟନ୍‌ଙ୍କୁ ନିକଟରେ ତାଙ୍କ ଅଭିନୀତ ଚଳଚ୍ଚିତ୍ର 'ଚନ୍ଦୁ ଚାମ୍ପିୟନ'(୨୦୨୪) ପାଇଁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ମିଳିଛି । ଏହା ତାଙ୍କର ପ୍ରଥମ ଜାତୀୟ ପୁରସ୍କାର । ଏହି ସଫଳତାକୁ ନେଇ ସେ ବେଶ୍ ଖୁସି ଅଛନ୍ତି । ଏବେ କାର୍ତ୍ତିକ ବାବା ମହାକାଳଙ୍କ ଶରଣ ପଶିଛନ୍ତି । ଜାତୀୟ ପୁରସ୍କାର ପାଇବା ପରେ ସେ ତାଙ୍କ ମାତାପିତାଙ୍କ ସହ ବାବା ମହାକାଳଙ୍କ ଆଶୀର୍ବାଦ ନେବା ପାଇଁ ଉଜ୍ଜୟିନୀ ଯାଇଥିଲେ । ସେଠାରେ ମହାକାଳେଶ୍ୱର ମନ୍ଦିରରେ ପହଞ୍ଚିବା ପରେ କାର୍ତ୍ତିକ ଏବଂ ତାଙ୍କ ପରିବାର ସଦସ୍ୟ ପବିତ୍ର 'ଶୟନ ଆରତି'ରେ ଯୋଗଦାନ କରିଥିଲେ । ମନ୍ଦିରର ଗର୍ଭଗୃହରେ ହାତଯୋଡ଼ି ପ୍ରାର୍ଥନା କରିଥିଲେ । ସୂଚନାଯୋଗ୍ୟ, ନିକଟରେ ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା ହୋଇଥିଲା । ଏଥିରେ ୨୦୨୪ରେ ମୁକ୍ତିଲାଭ କରିଥିବା ଚଳଚ୍ଚିତ୍ର 'ଚନ୍ଦୁ ଚାମ୍ପିୟନ' ପାଇଁ କାର୍ତ୍ତିକଙ୍କୁ ଶ୍ରେଷ୍ଠ ଅଭିନେତା ଭାବେ ଏହି ଜାତୀୟ ପୁରସ୍କାର ମିଳିଥିଲା ।



ଖାଦ୍ୟ ପଦାର୍ଥରେ ଆଉ ବ୍ୟବହାର ହେବନି ଅଶ୍ୱଗନ୍ଧା ପତ୍ର

ଅଶ୍ୱଗନ୍ଧା ବ୍ୟବହାରକୁ ନେଇ FSSAI ର ବଡ ନିଷ୍ପତ୍ତି । ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ (FSSAI) ସ୍ୱାସ୍ଥ୍ୟ ସପ୍ଲିମେଣ୍ଟରେ ଅଶ୍ୱଗନ୍ଧା ପତ୍ର ଏବଂ ଏହାର ନିର୍ଯାସ ବ୍ୟବହାର ଉପରେ କଟକଣା ଲଗାଇଛି । କେନ୍ଦ୍ର ଆୟୁଷ ମନ୍ତ୍ରଣାଳୟ ଦ୍ୱାରା ଉଠାଯାଇଥିବା ସୁରକ୍ଷା ଚିନ୍ତାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି । ନୂତନ ନିର୍ଦ୍ଦେଶାବଳୀ ମାଧ୍ୟମରେ ଏଫଏସଏସଏଆଇ ସ୍ପଷ୍ଟ କରିଛି ଯେ, ସ୍ୱାସ୍ଥ୍ୟ ସପ୍ଲିମେଣ୍ଟ ଏବଂ ନ୍ୟୁଟ୍ରାସିଉଟିକାଲ୍ ଉତ୍ପାଦରେ କେବଳ ଅନୁମୋଦିତ ରୂପରେ ହିଁ ଅଶ୍ୱଗନ୍ଧାର ବ୍ୟବହାର କରାଯାଇପାରିବ ।

ଏଫଏସଏସଏଆଇ ନିର୍ଦ୍ଦେଶନାମା ଅନୁଯାୟୀ, ଖାଦ୍ୟ ସୁରକ୍ଷା ଏବଂ ମାନକ

ନିୟମାବଳୀର ଅନୁସୂଚୀ IV ଅଧୀନରେ କେବଳ ଅଶ୍ୱଗନ୍ଧା ଚେର ଏବଂ ଏହାର ନିର୍ଯାସ ବ୍ୟବହାର ପାଇଁ ଅନୁମତି ଦିଆଯାଇଛି । ଉତ୍ପାଦନକାରୀ କମ୍ପାନୀମାନେ କେବଳ ଅଶ୍ୱଗନ୍ଧା ଗଛର ଚେର ବ୍ୟବହାର କରିପାରିବେ, କାରଣ ଏହା ନିର୍ଦ୍ଦିଷ୍ଟ ପରିମାଣରେ ସେବନ ପାଇଁ ସୁରକ୍ଷିତ ବୋଲି ପ୍ରମାଣିତ ହୋଇଛି । ଅନ୍ୟପକ୍ଷରେ, ଅଶ୍ୱଗନ୍ଧା ପତ୍ର କିମ୍ବା ପତ୍ରରୁ ପ୍ରସ୍ତୁତ ନିର୍ଯାସ ବ୍ୟବହାରକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି । ବିଭିନ୍ନ ଅଧ୍ୟୟନରୁ ଜଣାପଡିଛି ଯେ, ଚେର ତୁଳନାରେ ଅଶ୍ୱଗନ୍ଧା ପତ୍ର ସ୍ୱାସ୍ଥ୍ୟ ପାଇଁ ସେତେଟା ସୁରକ୍ଷିତ ନୁହେଁ । କାରଣ ଏଥିରେ ୱିଥାଫେରିନ୍-ଏ (Withaferin-A) ପରି କିଛି ଶକ୍ତିଶାଳୀ ତଥା କ୍ଷତିକାରକ ଯୌଗିକ ଉଚ୍ଚ ମାତ୍ରାରେ ରହିଥାଏ । କିଛି କମ୍ପାନୀ ସେମାନଙ୍କ ଉତ୍ପାଦରେ ଅଶ୍ୱଗନ୍ଧା ପତ୍ରର ବ୍ୟବହାର କରୁଥିବା ନେଇ ଏଫଏସଏସଏଆଇ ନିକଟରେ ଅଭିଯୋଗ ହୋଇଥିଲା । ଏହା ପରେ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, କୌଣସି ବି ରୂପରେ ପତ୍ରର ବ୍ୟବହାର ଗ୍ରହଣୀୟ ନୁହେଁ ।

ଏହି ନିୟମକୁ କଡ଼ାକଡ଼ି ପାଳନ କରିବା ପାଇଁ ଏଫଏସଏସଏଆଇ ସମସ୍ତ ଖାଦ୍ୟ ବ୍ୟବସାୟ ଅପରେଟର (FBOs) ମାନଙ୍କୁ ନିର୍ଦ୍ଦେଶ ଦେଇଛି । ଯଦି କୌଣସି ସଂସ୍ଥା ଏହି ନିୟମ ଉଲ୍ଲଂଘନ କରେ, ତେବେ ଖାଦ୍ୟ ସୁରକ୍ଷା ଏବଂ ମାନକ ଆଇନ, ୨୦୦୬ ଅନୁଯାୟୀ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏହି ପ୍ରସଙ୍ଗରେ ତୀକ୍ଷ୍ଣ ନଜର ରଖିବାକୁ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଲାଇସେନ୍ସ ପ୍ରଦାନକାରୀ କର୍ତ୍ତୃପକ୍ଷ ତଥା ଖାଦ୍ୟ ସୁରକ୍ଷା ଅଧିକାରୀମାନଙ୍କୁ କୁହାଯାଇଛି ।

ଅଶ୍ୱଗନ୍ଧା ହେଉଛି ଏକ ପାରମ୍ପରିକ ଔଷଧୀୟ ବୃକ୍ଷ ଯାହା ହଜାର ହଜାର ବର୍ଷ ଧରି ଆୟୁର୍ବେଦିକ ଚିକିତ୍ସାରେ ବ୍ୟବହୃତ ହୋଇଆସୁଛି । ଶରୀରର ସାମଗ୍ରିକ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ବଜାୟ ରଖିବାରେ ଏହାର ପ୍ରମୁଖ ଭୂମିକା ରହିଛି । ମୁଖ୍ୟତଃ ମାନସିକ ଚାପ ଓ ଉଦ୍‌ବେଗ କମାଇବା, ଭଲ ନିଦ କରାଇବା, ଶକ୍ତି ଓ ଷ୍ଟାମିନା ବୃଦ୍ଧି କରିବା ସହ ମସ୍ତିଷ୍କର କାର୍ଯ୍ୟକ୍ଷମତା ବଢ଼ାଇବା ପାଇଁ ଏହାକୁ ବ୍ୟବହାର କରାଯାଏ । ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଏବଂ ହରମୋନ୍ ସନ୍ତୁଳନ ରକ୍ଷା କରିବାରେ ମଧ୍ୟ ଏହା ବିଶେଷ ସହାୟକ ହୋଇଥାଏ । ତେବେ ଦୈନନ୍ଦିନ ବ୍ୟବହାର ପାଇଁ ଅଶ୍ୱଗନ୍ଧା ଚେରର ଗୁଣ୍ଡ କିମ୍ବା ନିର୍ଯାସ ସବୁଠାରୁ ସୁରକ୍ଷିତ ବିକଳ୍ପ ବୋଲି ବିଶେଷଜ୍ଞମାନେ ପରାମର୍ଶ ଦେଇଥାନ୍ତି ।

ଛାତ ଉପରେ ଉପରେ ରାସ୍ତା

ଦୁନିଆରେ ଅନେକ ନିଆରା ଗାଁ ଅଛି, କିନ୍ତୁ ଇରାନର ମସୁଲେହ ଗାଁ ବୋଧହୁଏ ସବୁଠାରୁ ଭିନ୍ନ ଏବଂ ଆକର୍ଷଣୀୟ । ଏହି ଗାଁର ବିଶେଷତ୍ୱ ହେଉଛି, ଏଠାରେ ଗୋଟିଏ ହେଲେ ରାସ୍ତା ନାହିଁ । ଲୋକମାନେ ଘରର ଛାତ ଉପରେ ଚାଲି ଚାଲି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଆନ୍ତି । ଏହି ଛାତଗୁଡ଼ିକ ହିଁ ସେମାନଙ୍କ ପାଇଁ ରାସ୍ତା, ବଜାର ଏବଂ ସାମାଜିକ କେନ୍ଦ୍ରର କାମ କରିଥାଏ । ଏଠାରେ ନା କାର ଚାଲେ ନା ବାଇକ । ମସୁଲେହ ଗାଁ ଇରାନର ଉତ୍ତରରେ ଥିବା ଶୋମାଲ ଅଞ୍ଚଳର ଗିଲାନ ପ୍ରଦେଶରେ ଅବସ୍ଥିତ । ଏହି ଗାଁ ଏକ ପାହାଡ଼ିଆ ଢାଲୁ ସ୍ଥାନରେ ଗଢ଼ି ଉଠିଛି । ଘରଗୁଡ଼ିକ ପରସ୍ପର ଉପରେ ଏପରି ଭାବରେ ତିଆରି ହୋଇଛି ଯେ ତଳ ଘରର ଛାତ, ଉପର ଘର ପାଇଁ ଅଗଣା କିମ୍ବା ରାସ୍ତା ପାଲଟିଯାଏ । ଏଠି ଦୋକାନ, କାଫେ ଏବଂ ଛୋଟ ଛୋଟ ରେଷ୍ଟୁରାଣ୍ଟ ମଧ୍ୟ ଛାତ ଉପରେ ହିଁ ଚାଲିଥାଏ । ଏଠାକାର ଲୋକମାନେ ଶତାବ୍ଦୀ ଶତାବ୍ଦୀ ଧରି ଏହି ଶୈଳୀରେ ରହିଆସୁଛନ୍ତି । ଏହି ଅନନ୍ୟ ସ୍ଥାପତ୍ୟ କଳା ଯୋଗୁ ଏହି ଗାଁକୁ 'ଛାତର ଗାଁ' ମଧ୍ୟ କୁହାଯାଏ । ଏଠାକାର ଘରଗୁଡ଼ିକ ପଥର ଏବଂ ମାଟିରେ ତିଆରି, ଯାହା ଶୀତ ଏବଂ ବର୍ଷା ଦୁଇଟିଯାକରୁ ସୁରକ୍ଷା ଦେଇଥାଏ । ଏଠାକାର ସକାଳର କୁହୁଡ଼ି ଓ ସନ୍ଧ୍ୟାର ସୂର୍ଯ୍ୟର ଲାଲିମା ସାରା ଗାଁକୁ ଦିବ୍ୟ କରିଥାଏ । ତେଣୁ ପର୍ଯ୍ୟଟକ ଓ ଫଟୋଗ୍ରାଫରମାନଙ୍କ ପାଇଁ ଏହି ସ୍ଥାନ ସ୍ୱର୍ଗ ସଦୃଶ । ଇରାନ ସରକାର ମସୁଲେହକୁ ଜାତୀୟ ଐତିହ୍ୟ ଭାବେ ଘୋଷଣା କରିଛନ୍ତି । ଏଠାରେ ପର୍ଯ୍ୟଟନ ବୃଦ୍ଧି ପାଇଁ ସୁବିଧା ସୁଯୋଗ ମଧ୍ୟ କରାଯାଉଛି । ସ୍ଥାନୀୟଲୋକେ ପର୍ଯ୍ୟଟକମାନଙ୍କୁ ସ୍ୱାଗତ କରନ୍ତି ଏବଂ ସେମାନଙ୍କୁ ନିଜ ସଂସ୍କୃତି ସହ ପରିଚିତ କରାନ୍ତି । ଏଠାକାର ମହିଳାମାନେ ସ୍ଥାନୀୟ ହସ୍ତଶିଳ୍ପ ତିଆରି କରନ୍ତି, ପୁରୁଷମାନେ କୃଷି ଏବଂ ପର୍ଯ୍ୟଟନ ସହ ଜଡ଼ିତ କାମ କରନ୍ତି । ସୋସିଆଲ ମିଡିଆରେ ଏହାର ଭିଡିଓ ଏବଂ ଫଟୋ ଭାଇରାଲ ହେବା ପରେ ପର୍ଯ୍ୟଟକଙ୍କ ସଂଖ୍ୟା ଆହୁରି ବଢ଼ିଯାଇଛି ।

୩୮ ବର୍ଷ ଧରି ଚାଲିଥିଲା ପ୍ରାସାଦ ନିର୍ମାଣ କାର୍ଯ୍ୟ

ଆମେରିକାର କାଲିଫର୍ଣ୍ଣିଆ ରାଜ୍ୟର ସାନ୍ ଜୋସେ ସହରରେ ଅବସ୍ଥିତ ୱିନଚେଷ୍ଟର ମିଷ୍ଟ୍ରି ହାଉସ୍ ଏକ ରହସ୍ୟମୟ ପ୍ରାସାଦ । ଏହାର ଅଜବ ସ୍ଥାପତ୍ୟ କଳା ଏବଂ ଭୂତପ୍ରେତ ସହ ଜଡ଼ିତ କାହାଣୀ ପାଇଁ ଏହା ସାରା ବିଶ୍ୱରେ ଜଣାଶୁଣା । ଭିକ୍ଟୋରିଆ ଶୈଳୀରେ ନିର୍ମିତ ଏହି ପ୍ରାସାଦଟି ନକ୍ସା ବିନା ନିର୍ମାଣ କରାଯାଇଥିଲା । ଏହାର ଡିଜାଇନ୍ ଏତେ ଜଟିଳ ଯେ, ଏହା ଏକ ଚକ୍ରବ୍ୟୂହ ବା ଭୁଲଭୁଲୈୟା ଭଳି ଦେଖାଯାଏ । ପ୍ରାସାଦରେ ଏଭଳି ଅନେକ ପାହାଚ ବା ସିଡ଼ି ଅଛି, ଯାହା ଉପରକୁ ଯାଇ କୌଣସି ରୁମ୍ ବଦଳରେ ସିଧା ଛାତ କିମ୍ବା କାନ୍ଥରେ ଶେଷ ହୋଇଥାଏ । କିଛି କବାଟ ଏଭଳି ରହିଛି ଯାହାକୁ ଖୋଲିଲେ ଆଗକୁ କୌଣସି ଚଟାଣ ନ ଥାଏ, ବରଂ ସିଧା ତଳକୁ ଖସିପଡ଼ିବାର ଭୟ ଥାଏ । କେତେକ ଝରକା ବାହାର ଆଲୋକ ପାଇଁ ନୁହେଁ, ବରଂ ଘର ଭିତରେ ଥିବା ଅନ୍ୟ ରୁମ୍ ଆଡ଼କୁ ଖୋଲିଥାଏ । ଏହି ଘରର ମାଲିକାଣୀ ଥିଲେ ସାରା ୱିନଚେଷ୍ଟର, ଯିଏ କି ପ୍ରସିଦ୍ଧ ୱିନଚେଷ୍ଟର ରାଇଫଲ୍' କମ୍ପାନିର ମାଲିକ ୱିଲିୟମ୍ ୱିର୍ଟ ୱିନଚେଷ୍ଟରଙ୍କ ବିଧବା ପତ୍ନୀ ଥିଲେ । ୧୮୮୧ ମସିହାରେ ସ୍ୱାମୀଙ୍କ ମୃତ୍ୟୁ ପରେ ସେ ସମସ୍ତ ସମ୍ପତ୍ତିର ମାଲିକାଣୀ ହୋଇଥିଲେ । ଏହି ବିଶାଳକାୟ ପ୍ରାସାଦର ନିର୍ମାଣ ସାରାଙ୍କ ଭୟ ଓ ଜିଦ୍ ଯୋଗୁଁ ହୋଇଥିଲା । ସେ ଲଗାତାର ୩୮ ବର୍ଷ ଧରି ଆଦୌ ଅଟକି ନ ରହି ଦିନ ରାତି ଏହି ଘରକୁ ତିଆରି କରିଥିଲେ । ସ୍ୱାମୀଙ୍କ ପୂର୍ବରୁ ସେ ନିଜ ଝିଅକୁ ହରାଇ ଥିଲେ । ନିଜ ଲୋକଙ୍କୁ ହରାଇବାର ଦୁଃଖରେ ସେ ଜଣେ ତାନ୍ତ୍ରିକଙ୍କ ପରାମର୍ଶ ନେଲେ । ତାନ୍ତ୍ରିକ ଜଣକ କହିଲେ, ତାଙ୍କ ସ୍ୱାମୀଙ୍କ ବନ୍ଧୁକ ଗୁଳିରେ ଯେତେ ଜଣ ପ୍ରାଣ ହରାଇଛନ୍ତି, ସେମାନଙ୍କ ଆତ୍ମା ୱିନଚେଷ୍ଟର ପରିବାରକୁ ହଇରାଣ କରୁଛନ୍ତି ଏବଂ ଏହାସହ ତାଙ୍କ ଝିଅ ଓ ସ୍ୱାମୀଙ୍କ ଅଚାନକ ମୃତ୍ୟୁ ଏହି ଅଭିଶାପ ଯୋଗୁଁ ହୋଇଛି । ଏହାପରେ ତାନ୍ତ୍ରିକ ତାଙ୍କୁ ପଶ୍ଚିମ ଦିଗରେ ଭୂତଙ୍କ ପାଇଁ ଏକ ଘର ନିର୍ମାଣ କରିବା ସହ ଏବଂ ତା'ର ନିର୍ମାଣ କାର୍ଯ୍ୟ ନ ରୋକିବାକୁ ପରାମର୍ଶ ଦେଲେ । ତାନ୍ତ୍ରିକ କଥାକୁ ମାନି ସାରା କନେକ୍ଟିକଟ୍ ଛାଡ଼ି ସାନ୍ ଜୋସ୍ ଆସିଲେ ଏବଂ ସମ୍ପତ୍ତି କିଣି ଘର ନିର୍ମାଣ କଲେ । ଏହି ବିଶାଳ ଘରକୁ ତିଆରି କରିବା ଲାଗି ସାରା କୌଣସି ଆର୍କିଟେକ୍ଟଙ୍କ ସାହାଯ୍ୟ ନେଇ ନ ଥିଲେ କିମ୍ବା ତାଙ୍କର କୌଣସି ନକ୍ସା ବା ବ୍ଲୁପ୍ରିଣ୍ଟ ନ ଥିଲା । ସେ ସବୁଦିନ ସକାଳେ ନିଜ ଫୋର୍‌ମ୍ୟାନ୍‌ଙ୍କୁ ଭେଟ କରି ନିଜ ହାତ ତିଆରି ଚିତ୍ର ଦେଖାଉ ଥିଲେ । ଯଦି କୌଣସି ଯୋଜନା ଠିକ୍ ଭାବେ କାମ କରୁ ନ ଥିଲା, ତାଙ୍କୁ ତୁରନ୍ତ ଭାଙ୍ଗି ପୁଣି କରୁଥିଲେ । ସେହିପରି ଶିଡ଼ି ତଥା କରିଡର ସବୁ ଏମିତି ସେ ତିଆରି କରୁଥିଲେ, ଯେମିତି ଘୁରି ବୁଲୁଥିବା ଆତ୍ମା ବାଟବଣା ହୋଇ ତା' ଭିତରେ ଫସି ରହିବେ । ସେ ସମୟରେ ଏ ଘର ଥିଲା ଅତ୍ୟନ୍ତ ଆଧୁନିକ । ଏଥିରେ ଇନଡୋର ଟଏଲେଟ୍, ଗରମ ପାଣି ସାୱାର, ଗ୍ୟାସ ଲାଇଟ୍, ଲିଫ୍ଟ, ସୁନା ରୂପା ଝୁମର ଭଳି ଅନ୍ୟ ଆଧୁନିକ ସୁବିଧା ମହଜୁଦ ଥିଲା । ନିର୍ମାଣର ଏହି ଧାରା ୧୯୨୨ ମସିହା ସେପ୍ଟେମ୍ବର ୫ ପର୍ଯ୍ୟନ୍ତ ସାରାଙ୍କ ମୃତ୍ୟୁ ଯାଏଁ ପ୍ରାୟ ୩୮ ବର୍ଷ ଧରି ଚାଲିଲା । ତେବେ ତାଙ୍କ ମୃତ୍ୟୁ ସମୟରେ ଏହି ପ୍ରାସାଦଟି ୪.୫ ଏକର ପରିମିତ ଥିଲା ଏବଂ ଏଥିରେ ଏତେ ସଂଖ୍ୟକ କୋଠରୀ ଥିଲା ଯେ, ପ୍ରତ୍ୟେକ ଥର ଗଣିବା ଦ୍ୱାରା ଆଉ ଏକ ସଂଖ୍ୟା ବଢୁଥିଲା । ପ୍ରାରମ୍ଭରେ ଏଥିରେ ୧୪୮ କୋଠରି ଥିବା କୁହାଯାଉଥିଲା ଏବଂ ପରେ ଏହି ସଂଖ୍ୟା ୧୬୧କୁ ବୃଦ୍ଧି ପାଇଥିଲା ।

ପ୍ଲାଷ୍ଟିକ୍ ମୁକ୍ତ କରିବ କବକ

ପ୍ଲାଷ୍ଟିକ୍ ପ୍ରଦୂଷଣ ବର୍ତ୍ତମାନ ସମଗ୍ର ବିଶ୍ୱ ପାଇଁ ଏକ ଚିନ୍ତାର ବିଷୟ ପାଲଟିଛି । ପ୍ଲାଷ୍ଟିକ୍ ନଷ୍ଟ ହେବାକୁ ଶହ ଶହ ବର୍ଷ ଲାଗୁଥିବାରୁ ପରିବେଶ, ଜୀବଜନ

ଖରିଫ ଋତୁ ୨୦୨୬ ନିମନ୍ତେ କୃଷି କାର୍ଯ୍ୟ ନିର୍ଦ୍ଧାରଣ କମିଟି ବୈଠକ

ଯାଜପୁର,୩୧।୭(ଆପଣଙ୍କ ସ୍ୱର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା କୃଷି ବିଭାଗ ଆନୁକୂଲ୍ୟରେ ଆଗାମୀ ଖରିଫ ଋତୁ ୨୦୨୬ ନିମନ୍ତେ ଜିଲ୍ଲା କୃଷି କାର୍ଯ୍ୟ ନିର୍ଦ୍ଧାରଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଏହି ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଶ୍ରୀଯୁକ୍ତ ଅମ୍ବର କୁମାର କର କୃଷକ ମାନେ ଯେପରି ପ୍ରତ୍ୟେକ ଯୋଜନାର ସୁଫଳ ପାଇପାରିବେ ସେଥିପ୍ରତି କୃଷି ତଥା ଆନୁସଙ୍ଗିକ ବିଭାଗ ଅଧିକାରୀମାନେ ଯତ୍ନବାନ ହେବା ଆବଶ୍ୟକ । ଚଳିତ ବର୍ଷ ସମବାୟ ବ୍ୟାଙ୍କ୍ ପକ୍ଷରୁ ୭୨୯ କୋଟି ଶସ୍ୟ ଋଣ ଯୋଗାଇ ଦେବାକୁ ଧାର୍ଯ୍ୟ ଲକ୍ଷ୍ୟ କରାଯାଇ ଅଛି । ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଚଳିତ ମାସ ଶେଷ ସୁଦ୍ଧା ଜିଲ୍ଲାର ସମସ୍ତ ଋଣି ଓ ଅଣ ଋଣି ଚାଷୀଙ୍କୁ ପଞ୍ଜୀକୃତ କାର୍ଯ୍ୟ ଶେଷ କରିବାକୁ ବ୍ଲକ୍ କୃଷି ଅଧିକାରୀ, ସମବାୟ ବିଭାଗ ତଥା ବୀମା କମ୍ପାନୀ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଏବଂ ସାରର ସୁଷମ ବଣ୍ଟନ ପାଇଁ ତଦାରଖ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ସୁରେଶ ଚନ୍ଦ୍ର ମଲ୍ଲିକ ସଭାକାର୍ଯ୍ୟ କୁ ଆଗେଇ ନେବା ସହ କାର୍ଯ୍ୟ ସୂଚୀ ଅନୁଯାୟୀ ୨୦୨୬ ମସିହା ଖରିଫ ଫସଲ ନିମନ୍ତେ ହୋଇଥିବା ଲକ୍ଷ୍ୟ ଧାର୍ଯ୍ୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ । କାର୍ଯ୍ୟସୂଚୀ ଅନୁଯାୟୀ ଯାଜପୁର ଜିଲ୍ଲାରେ ୨୦୨୬ ମସିହା ସୁଦ୍ଧା ସମୁଦାୟ ୧୦୬୨୮୦ ହେକ୍ଟର ଜମିରେ ଧାନ ଚାଷ, ସମୁଦାୟ ୧୨୦୦ ହେକ୍ଟର ଜମିରେ ମକା ଚାଷ, ସମୁଦାୟ ୧୦୩୦ ହେକ୍ଟର ଜମିରେ ମିଲେଟ୍ ଚାଷ, ସମୁଦାୟ ୭୩୦୫ ହେକ୍ଟର ଜମିରେ ଡାଲି ଜାତୀୟ ଫସଲ ଚାଷ, ସମୁଦାୟ ୧୧୦ ହେକ୍ଟର ଜମିରେ ତୈଳ ବୀଜ ଚାଷ, ୫୫୦ ହେକ୍ଟର ଜମିରେ ଝୋଟ ଚାଷ,୧୨୧୨୦ ହେକ୍ଟର ଜମିରେ ପନିପରିବା ଚାଷ ଏବଂ ସମୁଦାୟ୨୩୯୦ ହେକ୍ଟର ଜମିରେ ମସଲା ଚାଷ କରାଯିବା, ୧୩୦ ଜମିରେ ଘାସ ଚାଷ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସେହିପରି ୨୦୨୬ ମସିହା ସୁଦ୍ଧା ଯାଜପୁର ଜିଲ୍ଲାରେ ପ୍ରମୁଖ ଜଳ ସେଚନ, କ୍ଷୁଦ୍ର ଜଳସେଚନ, ବୃହତ୍ ଉଠା ଜଳ ସେଚନ, କ୍ଷୁଦ୍ର ଉଠା ଜଳସେଚନ ଏବଂ ଅନ୍ୟାନ୍ୟ ଉତ୍ସରୁ ସମୁଦାୟ ୧୧୪୯୧୭ ହେକ୍ଟର ଜମିରେ ଜଳସେଚନ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ୨୦୨୬- ୨୭ ମସିହା ମୃତ୍ତିକା ପରୀକ୍ଷା କରାଯାଇ ବ୍ଲକ୍ ୱାରୀ ୧୦୦୦୦ ନମୁନା ସଂଗ୍ରହ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଚଳିତ ଖରିଫ ଋତୁରେ ୨୮୫୦୦ ମେଟ୍ରିକ୍ ଟନ୍ ରାସାୟନିକ ସାର ଯଥା: ଫସଫରସ, ପଟାସ ଓ ଯବକ୍ଷାରଜାନ ଇତ୍ୟାଦି ବ୍ୟବହାର ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଉକ୍ତ ବୈଠକରେ ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନା, କୃଷି ଯାନ୍ତ୍ରିକକରଣ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, କୃଷି ଋଣ ଇତ୍ୟାଦି ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା । ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶ୍ରୀ ଶିବାନନ୍ଦ ସ୍ୱାଇଁ କୃଷକ ରେଜିଷ୍ଟ୍ରି ରେ କୃଷକ ପଞ୍ଜିକରଣ କୁ ତ୍ୱରାନ୍ୱିତ କରିବାକୁ ତଥା ଚିରନ୍ତନ କୃଷିକୁ ପ୍ରାଧାନ୍ୟ ଦେବାକୁ ସମସ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଏବଂ ସମନ୍ୱୟ ରକ୍ଷା କରି କୃଷକ ମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ । ପ୍ରକଳ୍ପ ନିର୍ଦ୍ଦେଶକ, ଜଳଛାୟା ପ୍ରକଳ୍ପ ,ଯାଜପୁର ଶ୍ରୀଯୁକ୍ତ ରମାକାନ୍ତ ପରିଡ଼ା, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ,ଯାଜପୁର ଶ୍ରୀଯୁକ୍ତ ଗୋପୀନାଥ କର, ଜିଲ୍ଲା ମତ୍ସ୍ୟ ଅଧିକାରୀ ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ସେଠୀ , ସହକାରୀ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ା. ସୁଶାନ୍ତ କୁମାର ବେହେରା ସହକାରୀ ନିର୍ଦ୍ଦେଶକ ବିଭାଗୀୟ ଯୋଜନା ଓ କାର୍ଯ୍ୟସୂଚୀ ବିଷୟରେ ଗୃହକୁ ଅବଗତ କରାଇଥିଲେ । ଜିଲ୍ଲା ଉନ୍ନୟନ ଅଧ୍ୟକ୍ଷତାରେ ସମସ୍ତ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ/ପ୍ରଧାନ ଶିକ୍ଷକ ଙ୍କ ସହ ଏକବୈଠକ ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଥିଲା । ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ଜଣେ 'ମାଇଁ ଭାରତ ନୋଡାଲ ଅଫିସର' ଏବଂ ଜଣେ 'କ୍ୟାମ୍ପସ ଆମ୍ବାସାଡର' ନିଯୁକ୍ତ କରାଯିବ ।

ଯାଜପୁର ଠାରେ 'ମାଇଁ ଭାରତ' ଜିଲ୍ଲା ପରାମର୍ଶଦାତା କମିଟିର ପ୍ରଥମ ବୈଠକ

ଯାଜପୁର , ୩୧।୭(ଆପଣଙ୍କ ସ୍ୱର): ଯାଜପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ 'ମାଇଁ ଭାରତ' (Mera Yuva Bharat) ଜିଲ୍ଲା ପରାମର୍ଶଦାତା କମିଟି ର ପ୍ରଥମ ବୈଠକ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ଯୁଧିଷ୍ଠିର ନାଏକଙ୍କ ଅଧ୍ୟକ୍ଷତାରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି ।ବୈଠକର ଆରମ୍ଭରେ ଜିଲ୍ଲା ଯୁବ ଅଧିକାରୀ ଶ୍ରୀ କୁମାର ଗୌରବ 'ମାଇଁ ଭାରତ' ପରିକଳ୍ପନାର ଲକ୍ଷ୍ୟ, ଦୃଷ୍ଟିକୋଣ ଏବଂ ଜିଲ୍ଲା ପରାମର୍ଶଦାତା କମିଟିର ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ବ୍ୟାପକ ଉପସ୍ଥାପନା କରିଥିଲେ ।

କମିଟି ବୈଠକରେ ବିଭିନ୍ନ ମୁଖ୍ୟ ବିଷୟ ଉପରେ ଆଲୋଚନା କରାଯାଇଥିଲା । ୧ ଜୁଲାଇରୁ ୧୫ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଚାଲୁଥିବା ବିଶେଷ ପଞ୍ଜୀକରଣ ଓ ସଚେତନତା ଅଭିଯାନ ପାଇଁ ଜିଲ୍ଲା ସ୍ତରୀୟ କାର୍ଯ୍ୟଖସଡ଼ା ଓ ଲକ୍ଷ୍ୟଧାର୍ଯ୍ୟ ନେଇ ଆଲୋଚନା ହୋଇଥିଲା । ଯୁବମାନଙ୍କର ଭାଗୀଦାରୀ ବୃଦ୍ଧି ପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସମସ୍ତ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ/ପ୍ରଧାନ ଶିକ୍ଷକ ଙ୍କ ସହ ଏକବୈଠକ ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଥିଲା । ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ଜଣେ 'ମାଇଁ ଭାରତ ନୋଡାଲ ଅଫିସର' ଏବଂ ଜଣେ 'କ୍ୟାମ୍ପସ ଆମ୍ବାସାଡର' ନିଯୁକ୍ତ କରାଯିବ ।

ବୈଠକରେ 'ମାଇଁ ଭାରତ ଜିଲ୍ଲା ସମନ୍ୱୟ କମିଟି' ଗଠନ ସହିତ ବିଭିନ୍ନ ବିଭାଗରୁ ସଦସ୍ୟମାନଙ୍କ ଅନ୍ତର୍ଭୁକ୍ତି ନେଇ ଆଲୋଚନା କରାଯାଇଥିଲା । ଯୋଜନାର ସଫଳ କାର୍ଯ୍ୟକାରିତା ପାଇଁ ଶିକ୍ଷା, ପଞ୍ଚାୟତିରାଜ, ଜୀବିକା , ଏନ.ଏସ.ଏସ (NSS), ଏନ.ସି.ସି (NCC), କ୍ରୀଡ଼ା, ଦକ୍ଷତା ବିକାଶ ଓ ଶିଳ୍ପ ବିଭାଗମାନଙ୍କ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱ ଦିଆଯାଇଥିଲା ।ଯୁବମାନଙ୍କୁ ସକ୍ରିୟ ଭାବେ ସାମିଲ କରିବା ପାଇଁ 'ନଶା ମୁକ୍ତ ଯୁବା ଫର୍ ବିକଶିତ ଭାରତ' ଅଭିଯାନ ଅଧୀନରେ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ୮ଟି ଶ୍ରେଣୀରେ ସାଂସ୍କୃତିକ ପ୍ରତିଯୋଗିତା ଆୟୋଜନ ନେଇ ଆଲୋଚନା ହୋଇଥିଲା । ୧୫ ରୁ ୨୯ ବର୍ଷ ବୟସର ଯୁବମାନେ MY Bharat ପୋର୍ଟାଲ https://mybharat.gov.in ରେ ପଞ୍ଜୀକରଣ କରି ଏହି କାର୍ଯ୍ୟକ୍ରମରେ ଭାଗ ନେଇପାରିବେ । ସେଥିପାଇଁ ନିୟମିତ ସମୀକ୍ଷା, ବିଭାଗୀୟ ଦାୟିତ୍ୱ ବଣ୍ଟନ ଓ ପ୍ରଗତି ପ୍ରତିବେଦନ ଦାଖଲ ପାଇଁ ଏକ ସୁସଂଗଠିତ ବ୍ୟବସ୍ଥା ରୂପରେଖ ତିଆରି କରାଯାଇଛି ।ଏହି ବୈଠକରେ ଜିଲ୍ଲା କ୍ରୀଡା ଅଧିକାରୀ ପକୀରମୋହନ ଟୁଡୁ, ଜିଲ୍ଲା ସଂସ୍କୃତି ଅଧିକାରୀ ସୋନାଲି ବେହେରା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ଦକ୍ଷତା ବିକାଶ ଅଧିକାରୀ ଶ୍ରୀ ସୁଶାନ୍ତ କୁମାର ନାୟକ, ଆଇ ପି ଓ, ଯୁଥ ମେମ୍ବରସ, ଏନ.ଏସ.ଏସ ଓ ଏନ.ସି.ସି କର୍ମକର୍ତ୍ତା,ଭଲେଣ୍ଟି ୟ ର ମାନେ ଉପସ୍ଥିତ ରହି ଆଲୋଚନା ରେ ଅଂଶଗ୍ରହଣ କରିଥିଲେ ।

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ କମିଶନର ତଥା ଶାସନ ସଚିବ ଙ୍କ ଯାଜପୁର ଜିଲ୍ଲା ଗସ୍ତ

ଯାଜପୁର ୩୧।୭(ଆପଣଙ୍କ ସ୍ୱର): ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଗୁହା ପୁନମ ତାପସ କୁମାର ଆଜି ଏକ ଦିନିକିଆ ଗସ୍ତରେ ଯାଜପୁର ଜିଲ୍ଲା ପରିଦର୍ଶନ କରି ବିଭିନ୍ନ ହସ୍ତତନ୍ତ ଓ ହସ୍ତଶିଳ୍ପ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିଥିଲେ ।ପ୍ରଥମେ ସେ ରସୁଲପୁର ବ୍ଲକ ଅନ୍ତର୍ଗତ ଗୋପାଳପୁରର ଦାମଦୋରପୁର ଠାରେ ପ୍ରସ୍ତାବିତ ହ୍ୟାଣ୍ଡଲୁମ୍ ପାର୍କ ପାଇଁ ଚିହ୍ନଟ ସ୍ଥାନ ପରିଦର୍ଶନ କରିଥିଲେ । ପରେ ମା' ତାରିଣୀ ବୁଣାକାର ସମବାୟ ସମିତି ଏବଂ ହିଙ୍ଗୁଳା ବୁଣାକାର ସମବାୟ ସମିତି ପରିଦର୍ଶନ କରି ଟସର ବସ୍ତ୍ର ପ୍ରସ୍ତୁତି ପ୍ରକ୍ରିୟା ଅବଲୋକନ କରିବା ସହ ବୁଣାକାରମାନଙ୍କ ସହ ଆଲୋଚନା କରିଥିଲେ । ଏହା ସହ ଗୋପାଳପୁରର ଟେରାକୋଟା କାରିଗରଙ୍କ ଘର ପରିଦର୍ଶନ କରି ସେମାନଙ୍କ କାର୍ଯ୍ୟ ମଧ୍ୟ ଦେଖିଥିଲେ ।

ଏହାପରେ ଗୋପାଳପୁର ଡାକବଙ୍ଗଳା ଠାରେ ଜିଲ୍ଲାପାଳଙ୍କ ଉପସ୍ଥିତିରେ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଜିଲ୍ଲାପାଳ ହସ୍ତତନ୍ତ ସୋ- ରୁମ ଖୋଲିବା ପାଇଁ ପ୍ରସ୍ତାବ ଦେଇଥିଲେ । ଏହାଦ୍ୱାରା ସ୍ଥାନୀୟ ବୁଣାକାର ଓ କାରିଗରମାନଙ୍କୁ ଉନ୍ନତ ବଜାର ସୁବିଧା ମିଳିବା ସହ ସେମାନଙ୍କ ଉତ୍ପାଦର ପ୍ରଚାର-ପ୍ରସାର ବୃଦ୍ଧି ପାଇବ ଏବଂ ସେମାନଙ୍କ ଆୟ ବୃଦ୍ଧିରେ ସହାୟକ ହେବା ସହ ଏହି ସୋ-ରୁମ ଯାଜପୁରର ପାରମ୍ପରିକ ହସ୍ତତନ୍ତ ଓ ହସ୍ତଶିଳ୍ପକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବ ବୋଲି ଜିଲ୍ଲାପାଳ ମତ ପ୍ରକାଶ କରିଥିଲେ । ଅପରାହ୍ନରେ ସେ ଧର୍ମଶାଳା ବ୍ଲକ ଅନ୍ତର୍ଗତ ଗଡ଼ମଧୁପୁର ପୁଞ୍ଜରେ କାଇଁଚ ହସ୍ତଶିଳ୍ପ କାରିଗରଙ୍କ ପାଇଁ ନିର୍ମିତ ସାଧାରଣ ସୁବିଧା କେନ୍ଦ୍ର ପରିଦର୍ଶନ କରି କାରିଗରମାନଙ୍କ ସହ ଆଲୋଚନା କରିଥିଲେ ।

ଏହି ଗସ୍ତ ଅବସରରେ ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର, ଉପ ଜିଲ୍ଲାପାଳ ଶ୍ରୀ ତାପସ ରଞ୍ଜନ ଦେହୁରୀ, ଅତିରିକ୍ତ ନିର୍ଦ୍ଦେଶକ, ସେରିକଲ୍ଚର, ସୂର୍ଯ୍ୟନାରାୟଣ ପଟ୍ଟନାୟକ, ଡେପୁଟି ଡାଇରେକ୍ଟର, ଟେକ୍ସଟାଇଲ, ଗୋଲାପୀ ଗୋପରାଣୀ ମୂର୍ମୁ, ଡେପୁଟି ଡାଇରେକ୍ଟର, ହସ୍ତଶିଳ୍ପ, ଜ୍ୟୋତି ରଞ୍ଜନ ଜେନା, ରସୁଲପୁର, ଧର୍ମଶାଳାର ବିଡିଓମାନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

ଯାଜପୁରରେ କୃଷି କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା କଲେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ କମିଶନର ତଥା ଶାସନ ସଚିବ

ଯାଜପୁର, ୩୧।୭(ଆପଣଙ୍କ ସ୍ୱର): ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀଯୁକ୍ତ ସଚିନ ରାମଚନ୍ଦ୍ର ଯାଦବ ଆଜି ଯାଜପୁର ଜିଲ୍ଲା ଗସ୍ତରେ ଆସି ଜିଲ୍ଲାର କୃଷି ଓ ଉଦ୍ୟାନ କୃଷି କ୍ଷେତ୍ରର ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା କରିଥିଲେ । ଏହି ଅବସରରେ ଜିଲ୍ଲା ପ୍ରଦକ୍ଷଣ ସଭାଗୃହରେ ଆୟୋଜିତ ସମୀକ୍ଷା ବୈଠକରେ ସେ ସାରର ଉପଲବ୍ଧତା ଓ ବଣ୍ଟନ ବ୍ୟବସ୍ଥା, ଖରିଫ ଫସଲ ଚାଷର ଅଗ୍ରଗତି, ବିହନ ଯୋଗାଣ, ଜଳସେଚନ ବ୍ୟବସ୍ଥା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଆଗ୍ରିଷ୍ଟାକ୍ (AgriStack) କୃଷକ ପଞ୍ଜୀକରଣ, କୃଷି ବଜାର ସୁବିଧା, ଚାଷୀମାନଙ୍କ ସମସ୍ୟା ଏବଂ ବିଭିନ୍ନ ସରକାରୀ କୃଷି ଯୋଜନାର କାର୍ଯ୍ୟକାରିତା ଉପରେ ବିସ୍ତୃତ ସମୀକ୍ଷା କରିଥିଲେ । ଏହି ଅବସରରେ ସଚିବ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇ କହିଥିଲେ ଯେ, କୌଣସି ଚାଷୀ ସାର, ବିହନ କିମ୍ବା ଅନ୍ୟାନ୍ୟ କୃଷି ଉପକରଣ ପାଇବାରେ ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି । ସେଥିପାଇଁ ସମସ୍ତ ଆବଶ୍ୟକ ବ୍ୟବସ୍ଥା ସୁନିଶ୍ଚିତ କରିବା ସହ ଚାଷୀମାନଙ୍କ ସମସ୍ୟାର ତ୍ୱରିତ ସମାଧାନ ଉପରେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହା ପରେ ସେ ସୁକିନ୍ଦା ବ୍ଲକ ଅନ୍ତର୍ଗତ ଦାମୋଦରପୁର ସ୍ଥିତ ଉଦ୍ୟାନ କୃଷି କେନ୍ଦ୍ର ପରିଦର୍ଶନ କରି ସେଠାରେ ଚାଲିଥିବା ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ ଏବଂ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ଏହାସହ ସେ ସୁକିନ୍ଦା ବିହନ ଉତ୍ପାଦନ କ୍ଷେତ୍ର ପରିଦର୍ଶନ କରି ଏହାର ଉନ୍ନୟନ ଓ ଗୁଣାତ୍ମକ ବିହନ ଉତ୍ପାଦନ ବୃଦ୍ଧି ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ ।

ଏହି ଗସ୍ତ ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଯୁଧିଷ୍ଠିର ନାଏକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ଶିବାନନ୍ଦ ସ୍ୱାଇଁ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ପ୍ରକଳ୍ପ ନିର୍ଦ୍ଦେଶକ, ଜଳଛାୟା ପ୍ରକଳ୍ପ, ଯାଜପୁର, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ, ଯାଜପୁର ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ ପୁରସ୍କାର-୨୦୨୬ ପାଇଁ ନାମାଙ୍କନ ଆହ୍ୱାନ

ଯାଜପୁର, ୩୧।୭(ଆପଣଙ୍କ ସ୍ୱର): ବିଭିନ୍ନ କ୍ଷେତ୍ରରେ ଅସାଧାରଣ ପ୍ରତିଭା ଓ ପାରଦର୍ଶିତା ଦେଖାଇଥିବା କୋମଳମତି ଶିଶୁମାନଙ୍କୁ ସମ୍ମାନିତ କରିବା ପାଇଁ ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରାଳୟ ପକ୍ଷରୁ 'ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ ପୁରସ୍କାର (PMR-BP)-୨୦୨୬' ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହି ଜାତୀୟ ସ୍ତରର ପୁରସ୍କାର ପାଇଁ ଆବେଦନ କରିବାର ଶେଷ ତାରିଖ ଜୁଲାଇ ୩୧, ୨୦୨୬ ଧାର୍ଯ୍ୟ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ୩୧ ଜୁଲାଇ ୨୦୨୬ ସୁଦ୍ଧା ୧୮ ବର୍ଷରୁ କମ୍ ବୟସର ଶିଶୁମାନେ ଏହି ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହେବେ । ବୀରତ୍ୱ, ସାମାଜିକ ସେବା, ପରିବେଶ ସୁରକ୍ଷା, କ୍ରୀଡ଼ା, କଳା ଓ ସଂସ୍କୃତି ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଭଳି ୬ଟି ବିଭିନ୍ନ ବିଭାଗରେ ଶ୍ରେଷ୍ଠ ଯୋଗଦାନ ପାଇଁ ଏହି ଆୱାର୍ଡ ପ୍ରଦାନ କରାଯିବ ।

ଏଥର ପୁରସ୍କାର ଚୟନ ପ୍ରକ୍ରିୟାରେ ସମାଜର ଅବହେଳିତ ଓ ଅସୁରକ୍ଷିତ ବର୍ଗର ଶିଶୁ, ବିଶେଷ କରି ଅନୁସୂଚିତ ଜାତି/ଜନଜାତି (SC/ST) ଏବଂ ଦିବ୍ୟାଙ୍ଗ ମେଧାବୀ ପିଲାମାନଙ୍କୁ ଚିହ୍ନଟ କରିବା ଉପରେ ବିଶେଷ ପ୍ରାଥମିକତା ଦିଆଯାଉଛି ।

ଯୋଗ୍ୟ ଓ ପ୍ରତିଭାଶାଳୀ ପ୍ରାର୍ଥୀମାନେ ସରକାରୀ ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲ (https://awards.gov.in) ମାଧ୍ୟମରେ ନିଜର ସମସ୍ତ ଆବଶ୍ୟକୀୟ ପ୍ରମାଣପତ୍ର ଓ ନଥିପତ୍ର ଅପଲୋଡ୍ କରି ଆବେଦନ କରିପାରିବେ ।

ଜିଲ୍ଲାର ସମସ୍ତ ଯୋଗ୍ୟ ଓ ପ୍ରତିଭାଶାଳୀ ଶିଶୁମାନଙ୍କୁ ଏହି ପୁରସ୍କାର ପାଇଁ ଆବେଦନ କରିବାକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ପକ୍ଷରୁ ଅନୁରୋଧ କରାଯାଇଛି ।

ସୁକିନ୍ଦା ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଯାଜପୁର, ୩୧।୭(ଆପଣଙ୍କ ସ୍ୱର): ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ସୁକିନ୍ଦା ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ମୋଟ ୫୯ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୫୦ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କିତ ୦୩ ଗୋଟି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୦୪ ଗୋଟି, ରେଡ୍ କ୍ରସ ପାଣ୍ଠିରୁ ୦୨ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୦୭ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ, ଯାଜପୁର, ଶ୍ରୀ ଯଶପ୍ରତାପ ଶ୍ରୀମାଲ୍, ଅତିରିକ୍ତ ଜିଲ୍ଲାପାଳ, ଶ୍ରୀ ଯୁଧିଷ୍ଠିର ନାଏକ, ଅତିରିକ୍ତ ଜିଲ୍ଲାପାଳ, କଳିଙ୍ଗନଗର, ଶ୍ରୀ ସପନ କୁମାର ନନ୍ଦ, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ଲମ୍ବୋଦର ଖୁଣ୍ଟିଆ, ଉପ

ଦେଶରେ ପୁଣି ମହଙ୍ଗା ହୋଇପାରେ ପେଟ୍ରୋଲ-ଡିଜେଲ ଦର

ନୂଆଦିଲ୍ଲୀ: ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବିଶ୍ୱ ଅଶୋଧିତ ତୈଳ ବଜାରକୁ ପ୍ରଭାବିତ କରୁଛି । ନୂତନ ସାମରିକ ଆକ୍ରମଣ ଏବଂ ଯୁଦ୍ଧ ଆହୁରି ବୃଦ୍ଧି ପାଇବାର ଆଶଙ୍କା ମଧ୍ୟରେ, ବ୍ରେଣ୍ଟ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପ୍ରତି ୧୦୦ ଡଲାର ପାଖାପାଖି ପହଞ୍ଚିଛି । ଶକ୍ତି ବଜାର ବିଶେଷଜ୍ଞ ମାନେ ବିଶ୍ୱାସ କରନ୍ତି ଯେ, ଯଦି ପରିସ୍ଥିତି ଶୀଘ୍ର ନସୁଧୁରେ, ତେବେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ୧୦୦ ଡଲାର ଅତିକ୍ରମ କରିପାରେ । ଏହା ସିଧାସଳଖ ଭାରତ ଭଳି ଦେଶ ଗୁଡ଼ିକୁ ପ୍ରଭାବିତ କରିବ, ଯେଉଁମାନେ ସେମାନଙ୍କର ଅଧିକାଂଶ ଅଶୋଧିତ ତୈଳ ଆବଶ୍ୟକତା ଆମଦାନୀ କରନ୍ତି । ମଧ୍ୟପ୍ରାଚ୍ୟ ବିଶ୍ୱର ସର୍ବବୃହତ ତୈଳ ଉତ୍ପାଦନକାରୀ କ୍ଷେତ୍ର ମଧ୍ୟରୁ ଗୋଟିଏ । ସେଠାରେ କୌଣସି ସାମରିକ ସଂଘର୍ଷ କିମ୍ବା ଭୂରାଜନୈତିକ ଉତ୍ତେଜନା ତୈଳ ଯୋଗାଣକୁ ପ୍ରଭାବିତ କରିପାରେ । ସାମ୍ପ୍ରତିକ ଆକ୍ରମଣ ପରେ, ନିବେଶକ ମାନେ ଭୟ କରୁଛନ୍ତି ଯେ ଯଦି ଯୁଦ୍ଧ ବୃଦ୍ଧି ପାଏ କିମ୍ବା ପ୍ରମୁଖ ସମୁଦ୍ର

ପଥ ପ୍ରଭାବିତ ହୁଏ, ତେବେ ବିଶ୍ୱ ତୈଳ ଯୋଗାଣ ବାଧାପ୍ରାପ୍ତ ହୋଇପାରେ । ଏହି ଭୟ ଅନ୍ତର୍ଜାତୀୟ ବଜାରରେ ତୈଳ ମୂଲ୍ୟରେ ତୀବ୍ର ବୃଦ୍ଧି ଘଟାଉଛନ୍ତି । ବିଶ୍ଳେଷକ ମାନେ କହିଛନ୍ତି ଯେ ବର୍ତ୍ତମାନ ବଜାରରେ ଭୟର ବାତାବରଣ ରହିଛି ଏବଂ ନିବେଶକ ମାନେ ସୁରକ୍ଷିତ ବିକଳ୍ପ ଆଡକୁ ମୁହାଁଇଛନ୍ତି । ଯଦି ଦୀର୍ଘ ସମୟ ପାଇଁ ଉତ୍ତେଜନା ଜାରି ରହେ, ତେବେ ମୂଲ୍ୟ ଆହୁରି ବୃଦ୍ଧି ପାଇପାରେ ।ଭାରତ ଏହାର ମୋଟ ତୈଳ ଆବଶ୍ୟକତାର ପ୍ରାୟ ୮୫% ଆମଦାନୀ କରେ । ତେଣୁ, ଅଶୋଧିତ ତୈଳ ମୂଲ୍ୟରେ କୌଣସି ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ଦେଶର ଅର୍ଥନୀତିକୁ ପ୍ରଭାବିତ କରେ । ମହଙ୍ଗା ତୈଳ ମୂଲ୍ୟ ପେଟ୍ରୋଲ, ଡିଜେଲ, ଏଲପିଜି ଏବଂ ବିମାନ ଇନ୍ଧନର ମୂଲ୍ୟ ବୃଦ୍ଧି କରିପାରେ । ଏହା ସହିତ, ପରିବହନ ଖର୍ଚ୍ଚ ବୃଦ୍ଧି ଅନେକ ଦୈନନ୍ଦିନ ସାମଗ୍ରୀକୁ ମଧ୍ୟ ମହଙ୍ଗା କରିପାରେ ।ବିଶେଷଜ୍ଞ ମାନେ ବିଶ୍ୱାସ କରନ୍ତି ଯେ, ଯଦି ଅଶୋଧିତ ତୈଳ ଦୀର୍ଘ ସମୟ ପାଇଁ ପ୍ରତି ବ୍ୟାରେଲ ପ୍ରାୟ ୧୦୦ ଡଲାର ରହିଥାଏ, ତେବେ ଏହା ମୁଦ୍ରାସ୍ଫୀତି ଚାପ ବୃଦ୍ଧି କରିପାରେ । ଏହା ସହିତ, ସରକାରଙ୍କ ଆମଦାନୀ ବିଲ୍ ଏବଂ ଚଳନ୍ତି ଆକାଉଣ୍ଟ ନିଅଣ୍ଟ ପ୍ରଭାବିତ ହୋଇପାରେ ।ତେଲ ମୂଲ୍ୟ ବୃଦ୍ଧିର ପ୍ରଭାବ କେବଳ ଇନ୍ଧନ ପର୍ଯ୍ୟନ୍ତ ସୀମିତ ନୁହେଁ । ଏହା ସେୟାର୍ ବଜାର, ବିମାନ କମ୍ପାନୀ, ଲଜିଷ୍ଟିକ୍ସ, ରାସାୟନିକ ଏବଂ ଉତ୍ପାଦନ କ୍ଷେତ୍ରକୁ ମଧ୍ୟ ପ୍ରଭାବିତ କରିପାରେ । ଏହି ସମୟରେ, ଉଚ୍ଚ ଶକ୍ତି ମୂଲ୍ୟ ଅନେକ ଦେଶର କେନ୍ଦ୍ରୀୟ ବ୍ୟାଙ୍କ ଗୁଡ଼ିକ ପାଇଁ ମୁଦ୍ରାସ୍ଫୀତି ନିୟନ୍ତ୍ରଣ କରିବା ଏକ ଚ୍ୟାଲେଞ୍ଜ ସୃଷ୍ଟି କରିପାରେ ।

ଗଙ୍ଗାରେ ଚିକେନ ଖାଇବା କୌଣସି ଅପରାଧ ନୁହେଁ : ସୁପ୍ରିମକୋର୍ଟ

ନୂଆଦିଲ୍ଲୀ : ବାରାଣସୀରେ ଗଙ୍ଗା ନଦୀରେ ଏକ ଡଙ୍ଗାରେ ଇଫତାର ପାର୍ଟି ସମୟରେ ଚିକେନ୍ ବିରିୟାନି ଖାଇବା ଏବଂ ହାଡ଼ ଫିଙ୍ଗିବା ମାମଲା ସମ୍ପର୍କରେ ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାଁ ଏକ ଦୃଢ଼ ଏବଂ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି । ସେ ଦେଶରେ ଚିନ୍ତାର ସ୍ୱାଧୀନତା ଏବଂ ଭିନ୍ନ ମତାମତ ଅଧିକାର ହ୍ରାସ ପାଇବା ଉପରେ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି । ଜଷ୍ଟିସ୍ ଭୂୟାଁ କହିଛନ୍ତି ଯେ, ଭାରତରେ ବିଭିନ୍ନ ମତ ଗ୍ରହଣ କରିବା ପାଇଁ ସାର୍ବଜନୀନ ସ୍ଥାନ ଗୁଡ଼ିକ କ୍ରମାଗତ ଭାବରେ ସଙ୍କୁଚିତ ହେଉଛି ।ଶାନ୍ତିପୂର୍ଣ୍ଣ ଭାବରେ ସେମାନଙ୍କର ମତ ଏବଂ ପ୍ରତିବାଦ ପ୍ରକାଶ କରୁଥିବା ଛାତ୍ର ଏବଂ ନାଗରିକ ମାନଙ୍କୁ ଗିରଫ କରାଯାଉଛି । ଜାମିନ୍ ପାଇଲେ ମଧ୍ୟ, କୋର୍ଟଗୁଡ଼ିକ କଠୋର ସର୍ତ୍ତାବଳୀ ଲଗାନ୍ତି ଯାହା ସେମାନଙ୍କ ବ୍ୟକ୍ତିଗତ ସ୍ୱାଧୀନତାକୁ

କଠୋର ଭାବରେ ପ୍ରତିବନ୍ଧିତ କରେ । ଲାଇଭ୍ ଲ ଅନୁଯାୟୀ, ବିଶେଷ ଭାବରେ ବାରାଣସୀରେ ଗଙ୍ଗା ନଦୀ ଘଟଣାର ଉଲ୍ଲେଖ କରି, ଜଷ୍ଟିସ୍ ଭୂୟାଁ ପ୍ରଶ୍ନ କରିଛନ୍ତି ଯେ, ଏହି ଘଟଣା ପାଇଁ ଗିରଫ ହୋଇଥିବା ଯୁବକ ମାନଙ୍କୁ କାହିଁକି ତିନି ମାସ ଜେଲରେ ରହିବାକୁ ପଡିଲା ।

ସେ ସ୍ପଷ୍ଟ ଭାବରେ କହିଛନ୍ତି, "ମୁଁ ସମ୍ପୂର୍ଣ୍ଣ ଭାବରେ ବିଶ୍ୱାସ କରୁଛି ଯେ କୁକୁଡ଼ା ବିରିଆନି ଖାଇବା ଏକ ଅପରାଧ ନୁହେଁ । ଗଙ୍ଗା ନଦୀରେ କୁକୁଡ଼ା ଖାଇବାକୁ କୌଣସି ଆଇନ ନାହିଁ । ଏପରି କାର୍ଯ୍ୟକଳାପ ପାଇଁ ଲୋକଙ୍କୁ ମାସ ମାସ ଧରି ଗିରଫ କରାଯାଇ ଜାମିନ ପ୍ରଦାନ କରାଯାଇ ପାରିବ କି ? ମୁଁ ନିଜକୁ ଏହି ପ୍ରଶ୍ନ ପଚାରେ, ଏବଂ ଦେଶର ନାଗରିକ ମାନେ ମଧ୍ୟ ଦେଖୁଛନ୍ତି ।"

ସେ ଆହୁରି କହିଛନ୍ତି ଯେ ବିତର୍କ, ଆଲୋଚନା ଏବଂ ମତଭେଦ ଯେକୌଣସି ସ୍ପନ୍ଦନଶୀଳ ଗଣତନ୍ତ୍ରର ପ୍ରମୁଖ ଲକ୍ଷଣ । ଦୁର୍ଭାଗ୍ୟବଶତଃ, ସାଧାରଣ ନାଗରିକ କାର୍ଯ୍ୟକଳାପ ଏବଂ ଗମ୍ଭୀର ପରିବେଶଗତ ପ୍ରସଙ୍ଗରେ ସ୍ୱର ଉତ୍ତୋଳନ କରୁଥିବା ଲୋକଙ୍କୁ ମଧ୍ୟ ଏବେ ଅପରାଧୀ ଭାବରେ ବିବେଚନା କରାଯାଉଛି । ସେ କୋର୍ଟ ଦ୍ୱାରା ଲାଗୁ କରାଯାଇଥିବା ଅତ୍ୟଧିକ କଠୋର ଜାମିନ ସର୍ତ୍ତାବଳୀର ପୁନର୍ବିଚାର ପାଇଁ ମଧ୍ୟ ଆହ୍ୱାନ କରିଛନ୍ତି ।

अमेरिका में पढ़ाई के बाद नौकरी करना होगा महंगा

नउिदल्लिी : मीडिया रपिोर्ट के अनुसार, ट्रंप प्रशासन अमेरिका में पढ़ाई पूरी करने के बाद नौकरी करने की अनुमति देने वाले ओपीटी कार्यक्रम पर 1 लाख डॉलर की फीस लगाने पर विचार कर रहा है। इस प्रस्ताव के लागू होने पर विदेशी छात्रों, खासकर भारतीय विद्यार्थियों, पर बड़ा असर पड सकता है।

अमेरिका में पढ़ाई करने वाले विदेशी छात्रों के लिए आने वाले समय में नौकरी करना काफी महंगा हो सकता है। मीडिया रपिोर्ट के मुताबकि, ट्रंप प्रशासन अमेरिकी विश्विवद्यिालयों से पढ़ाई पूरी करने के बाद काम करने की अनुमति देने वाले ऑप्शनल प्रैक्टकिल ट्रेनिंग (ओपीटी) कार्यक्रम पर 1 लाख अमेरिकी डॉलर (करीब 87 लाख रुपये) की फीस लगाने

पर विचार कर रहा है।

द वॉल स्ट्रीट जर्नल की रपिोर्ट के अनुसार, यह प्रस्ताव अमेरिकी गृह सुरक्षा विभाग (डीएचएस) के स्तर पर विचाराधीन है। हालांकि विभाग ने साफ किया है कि अभी कोई अंतिम फैसला नहीं लिया गया है। विभाग का कहना है कि जब तक किसी नीति की आधिकारिक घोषणा नहीं होती, तब तक उसे अंतिम नहीं माना जाना चाहिए।क्या है ऑप्शनल प्रैक्टकिल ट्रेनिंग स्कीम?ऑप्शनल प्रैक्टकिल ट्रेनिंग कार्यक्रम विदेशी छात्रों को अपनी पढ़ाई पूरी करने के बाद अमेरिका में एक से तीन साल तक अपने विषय से जुड़े क्षेत्र में काम करने की अनुमति देता है। यही सुविधा बड़ी संख्या में अंतरराष्ट्रीय छात्रों को अमेरिका में पढ़ाई के लिए आकर्षित करती है। वर्ष 2024 में करीब 4.19 लाख विदेशी छात्र ऑप्शनल प्रैक्टकिल ट्रेनिंग के तहत अमेरिका में काम कर रहे थे। रपिोर्ट के मुताबकि, ट्रंप प्रशासन इससे पहले H-1B वीजा पर भी 1 लाख डॉलर की फीस लगाने की योजना बना रहा था, लेकिन अमेरिकी अदालत ने उस प्रस्ताव को खारिज कर दिया। इसके बाद अब ऑप्शनल प्रैक्टकिल ट्रेनिंग पर इतनी बड़ी फीस लगाने की संभावना पर विचार किया जा रहा है।

रपिोर्ट में यह भी कहा गया है कि अमेरिकी विदेश विभाग विदेश से ग्रीन कार्ड के लिए आवेदन करने वालों पर भी 1 लाख डॉलर का बॉन्ड लगाने पर विचार कर रहा है। यह राशि तब वापस की जा सकती है, जब आवेदक अमेरिका जाकर नागरिकता हासिल कर ले। विशेषज्ञों का मानना है कि यदि ओपीटी पर इतनी अधिक फीस लागू होती है तो अमेरिका में पढने की योजना बना रहे हजारों विदेशी छात्रों, खासकर भारतीय छात्रों पर इसका बड़ा असर पड सकता है। साथ ही अमेरिकी कंपनियों के लिए विदेशी प्रतिभाओं की भर्ती भी मुश्किल हो सकती है। फिलहाल इस प्रस्ताव पर अंतिम निर्णय नहीं लिया गया है।

ପେପର ଲିକ୍ ବିରୋଧୀ ବିଲ୍ ସଂସଦରେ ପାରିତ

ନୂଆଦିଲ୍ଲୀ: ପେପର ଲିକ୍ ବିରୋଧୀ ବିଲ୍ ସଂସଦରେ ପାରିତ । ପେପର ଲିକ୍ ଏବଂ ବିଭିନ୍ନ ପରୀକ୍ଷା ଅନିୟମିତତାକୁ ରୋକିବା ପାଇଁ ଆଣାଯାଇଥିବା 'ସାର୍ବଜନୀନ ପରୀକ୍ଷା ସଂଶୋଧନ ବିଲ୍-୨୦୨୬' ସଂସଦର ଉଭୟ ସଦନରେ ପାରିତ ହୋଇଛି । ଗୁରୁବାର ରାଜ୍ୟସଭାରେ ବିରୋଧୀ ଦଳର ୱାକଆଉଟ୍ ମଧ୍ୟରେ ବିଲ୍‌ଟି ଧ୍ୱନିମତରେ ଅନୁମୋଦନ ପାଇଛି । ବର୍ତ୍ତମାନ ଏହା କେବଳ ରାଷ୍ଟ୍ରପତିଙ୍କ ମଞ୍ଜୁରିକୁ ଅପେକ୍ଷା । ବୁଧବାର ଲୋକସଭାରେ ବିଲ୍‌ଟି ପାରିତ ହୋଇଥିଲା । ସରକାରଙ୍କ ମତାନୁସାରେ, ଛାତ୍ରଛାତ୍ରୀମାନେ ଦେଶର ଭବିଷ୍ୟତ ହୋଇଥିବାରୁ ସେମାନଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ କଠୋର ଆଇନଗତ ବ୍ୟବସ୍ଥା ଆବଶ୍ୟକ ଥିଲା ।

କେନ୍ଦ୍ରମନ୍ତ୍ରୀ ଡ. ଜିତେନ୍ଦ୍ର ସିଂ ବିଲ୍ ଉପସ୍ଥାପନ କରିବା ସମୟରେ ଏହାର ମୁଖ୍ୟ ବ୍ୟବସ୍ଥା ବିଷୟରେ ସଦନକୁ ଅବଗତ କରାଇଥିଲେ । ତେବେ ବିରୋଧୀ ଦଳ ଏହାକୁ ଅପର୍ଯ୍ୟାପ୍ତ ବୋଲି କହିବା ସହ ସରକାରଙ୍କ ଉଦ୍ଦେଶ୍ୟ ଉପରେ ପ୍ରଶ୍ନ ଉଠାଇଥିଲେ । ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡ୍‌ଗେ ଗୃହମନ୍ତ୍ରୀଙ୍କ ଉତ୍ତର କିମ୍ବା ଇସ୍ତଫା ଦାବି କରିଥିଲେ । ରାଜ୍ୟସଭାରେ ବିରୋଧୀ ଉପନେତା ପ୍ରମୋଦ ତିୱାରୀ ଗୃହମନ୍ତ୍ରୀ ଅମିତ ଶାହଙ୍କ ଉପସ୍ଥିତି ଦାବି କରିଥିଲେ । ଅଧ୍ୟକ୍ଷ ଏହି ଦାବିକୁ ଖାରଜ କରିବା ପରେ କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ଦଳଗୁଡ଼ିକ ସଦନରୁ ୱାକଆଉଟ୍ କରିଥିଲେ ।ଏହାର ପ୍ରତିକ୍ରିୟାରେ ସଦନର ନେତା ଜେ.ପି. ନଡ୍ଡା କହିଥିଲେ ଯେ ବିରୋଧୀ ଦଳ ସଂସଦୀୟ ପରମ୍ପରା ଓ ମର୍ଯ୍ୟାଦା ପ୍ରତି ଅସମ୍ମାନ ପ୍ରଦର୍ଶନ କରୁଛି ।

ଡ. ଜିତେନ୍ଦ୍ର ସିଂ କହିଛନ୍ତି ଯେ ରାଧାକୃଷ୍ଣନ୍ କମିଟିର ପ୍ରାୟ ୭୬ ପ୍ରତିଶତ ସୁପାରିଶ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇଛି ଏବଂ ପେପର ଲିକ୍ ମାମଲାରେ ସରକାରଙ୍କ 'ଜିରୋ ଟଲରେନ୍ସ' ନୀତି ରହିଛି ।

ପ୍ରଥମ ପୃଷ୍ଠାରୁ ଅବଶିଷ୍ଟାଂଶ

ବନ୍ୟା ପାଣି ...

ପଛୁଆ ଠେଲା ପାଣିରେ ସମ୍ବଲପୁର-ସୋନପୁରା ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ସମ୍ବଲପୁର ସହର ଉପକଣ୍ଠ ମାଳତୀଗୁଣ୍ଡେରପୁରରେ ରାଜ୍ୟ ରାଜପଥରେ ପାଣି ଚାଲିଥିବାରୁ ଗାଡ଼ିମୋଟର ଚଳାଚଳ ବନ୍ଦ ହୋଇଛି । କଟକର ଆଠଗଡ଼, ବାଙ୍କୀ, ତିଗିରିଆର ପ୍ରାୟ ୪୦ ଗାଁ ପାଣି ଘେରରେ ଅଛି । ବିଭିନ୍ନ ରାସ୍ତା ବୁଡ଼ି ଯାଇଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ରହିଛି । ଧାନ, ପନିପରିବା ସମେତ ବ୍ୟାପକ ଫସଲ ନଷ୍ଟ ହୋଇଛି ।ନୟାଗଡ଼ର ଗଣିଆ ବ୍ଲକର ରାସଙ୍ଗ ପଞ୍ଚାୟତର ରାସଙ୍ଗ-କାଦୁଆ ରାସ୍ତାରେ ୫ ଫୁଟ ଉଚ୍ଚର ପାଣି ଚାଲିଥିବାବେଳେ ମଣିଭଦ୍ରା ବେଣ୍ଟପଡ଼ା ରାସ୍ତା ବୁଡ଼ିଯାଇଛି ।୩ଟି ପଞ୍ଚାୟତର ପ୍ରାୟ ୪୧ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ରହିଛି ।

ସେହିପରି ଜଗତସିଂହପୁରର ତିର୍ତ୍ତୋଲ ଓ କୁଜଙ୍ଗ ବ୍ଲକର ତଳି ଅଞ୍ଚଳରେ ବନ୍ୟା ପାଣି ମାଡ଼ିଯାଇଛି । ଅନେକ ଗାଁ ପାଣି ଘେରରେ ରହିଛି । କେନ୍ଦ୍ରାପଡ଼ାର କେନ୍ଦ୍ରାପଡ଼ା, ମାର୍ଶାଘାଇ, ଗରଦପୁର, ପଟ୍ଟାମୁଣ୍ଡାଇ, ଆଳି, ରାଜକନିକା, ରାଜନଗର, ମହାକାଳପଡ଼ା ବ୍ଲକର ୧୩୫ ଗାଁ ପାଣି ଘେରରେ ଥିବା ସରକାରୀ ସୂଚନା ରହିଛି । ସ୍ଥାନୀୟ ସୂଚନାନୁସାରେ ମହାନଦୀ ଓ ବ୍ରାହ୍ମଣୀ ବନ୍ୟା ଯୋଗୁ ଜିଲ୍ଲାରେ ପ୍ରାୟ ଦେଢ଼ ଲକ୍ଷ ଲୋକେ ପ୍ରଭାବିତ ହୋଇଛନ୍ତି ।

ଉତ୍ତର ଓଡ଼ିଶାରେ ନଦୀ ପାଣି ଖସିଥିବାବେଳେ ବନ୍ୟା ପରର ଦୁର୍ଦ୍ଦଶା ବଢ଼ିଛି । ଭଦ୍ରକ ଜିଲ୍ଲାରେ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ୩ ଲକ୍ଷ ୯୫ ହଜାର ୪୪୮ ଜଣ ପାଣି ଘେରରେ ରହିଛନ୍ତି । ସେମାନଙ୍କ ମଧ୍ୟରୁ ୧ ଲକ୍ଷ ୭୮ ହଜାର ୩୫୫ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି । ଧାମନଗ ଓ ତିହିଡ଼ିର ବନ୍ୟା ଜଳ ହ୍ରାସ ପାଇଛି । ହେଲେ ସମୁଦ୍ର ତଟବର୍ତ୍ତୀ ଚାନ୍ଦବାଲିରେ ବନ୍ୟା ଜଳ ବଢ଼ିବାରେ ଲାଗିଛି ।ଧାମନଗର ବ୍ଲକ୍ ଫତେପୁର ଗାଁରେ ପାଣିରେ ବୁଡ଼ି ୭ ବର୍ଷର ଶିଶୁ କନ୍ୟାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି ।

ରାଜ୍ୟରେ ବନ୍ୟା ଯୋଗୁଁ ୧୮ଟି ଜିଲ୍ଲାର ହେକ୍ଟର ହେକ୍ଟର ଚାଷ ଜମି ପ୍ରଭାବିତ ହୋଇଛି । ତୁରନ୍ତ ଆବଶ୍ୟକୀୟ ଜରୁରୀକାଳୀନ ପଦକ୍ଷେପ ଏବଂ ସହାୟତା ବ୍ୟବସ୍ଥା କରିବାକୁ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ବନ୍ୟା ଯୋଗୁଁ ହୋଇଥିବା ଫସଲ କ୍ଷୟକ୍ଷତିର ଆକଳନ କରିବା ବାବଦରେ ଅଧିକାରୀମାନେ କିଭଳି ତୁରନ୍ତ ପଦକ୍ଷେପ ନେବେ ସେ ନେଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଶୁକ୍ରବାର ଅନୁଷ୍ଠିତ ଏହି ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ତୁରନ୍ତ ଏବଂ ସ୍ୱଚ୍ଛ ମୂଲ୍ୟାଙ୍କନ ନିଶ୍ଚିତ କରିବା ପାଇଁ ସରକାର ଏକ ସ୍ୱତନ୍ତ୍ର ଆକଳନ କମିଟି ଗଠନ କରିଛନ୍ତି । ଯାହା ଶୀଘ୍ର ବିସ୍ତୃତ ଫସଲ କ୍ଷତିପୂରଣ ରିପୋର୍ଟ ପ୍ରଦାନ କରିବ । ଏହି ରିପୋର୍ଟ ଆଧାରରେ ଏକ ବ୍ୟାପକ କୃଷି ସହାୟତା ପ୍ୟାକେଜ୍ ଘୋଷଣା କରାଯିବ । ଯେଉଁଥିରେ ସର୍ବାଧିକ ପ୍ରଭାବିତ ଜିଲ୍ଲାଗୁଡ଼ିକୁ ଅଗ୍ରାଧିକାର ଦିଆଯିବ ।

ଛତିଶଗଡ଼-ଓଡ଼ିଶା...

ସେ ସହମତ ହେଲା ପରେ ହିଁ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ଏହି ବୈଠକ ଆହ୍ୱାନ କରିଥିଲେ । ଟ୍ରିପଲ୍ ଇଞ୍ଜିନ୍ ସରକାରରେ ନିଶ୍ଚିତ ଭାବେ ଏହି ବିବାଦର ସମାଧାନ ହେବ ।

ଦ୍ରୁତ ଶିଳ୍ପାୟନ...

'ବିକଶିତ ଓଡ଼ିଶା-୨୦୪୭' ଭିଜନ ଡକ୍ୟୁମେଣ୍ଟର ପ୍ରମୁଖ ଅଗ୍ରାଧିକାର ଉପରେ ଆଲୋଚନା କରାଯାଇଛି । ଏହାସହ ରାଜ୍ୟର ଉପକୂଳବର୍ତ୍ତୀ ଏବଂ କୃଷି ଅଞ୍ଚଳର ସମ୍ଭାବନାକୁ ଅଧିକ ବିକଶିତ କରିବା ପାଇଁ ସ୍ପେଶାଲ୍ ମେରିନ୍ ଜୋନ୍ ଓ ସ୍ପେଶାଲ୍ ଫାର୍ମିଂ ଜୋନ୍ ଗଠନ ସମ୍ପର୍କିତ ନୀତିଗତ ଢାଞ୍ଚା ଉପରେ ମଧ୍ୟ ଚର୍ଚ୍ଚା ହୋଇଛି ।ଏହି ପଦକ୍ଷେପ ଦ୍ୱାରା ସନ୍ତୁଳିତ ଆଞ୍ଚଳିକ ବିକାଶ, ରୋଜଗାର ସୃଷ୍ଟି, ଜୀବିକାର ସୁଯୋଗ ବୃଦ୍ଧି ଏବଂ ସମାବେଶୀ ଓ ନିରନ୍ତର ବିକାଶ ଦିଗରେ ଓଡ଼ିଶାର ଯାତ୍ରା ଅଧିକ ତ୍ୱରାନ୍ୱିତ ହେବ ବୋଲି ଆଶା ପ୍ରକାଶ ପାଇଛି ।

ପୁଣି ୧ ନମ୍ବରକୁ ଫେରିଲେ ଗିଲ୍, ଉଠିଲେ ସୂର୍ଯ୍ୟବଂଶୀ

ନୂଆଦିଲ୍ଲୀ: ପୁଣିଥରେ ଆଇସିସି ଦିନିକିଆ ବ୍ୟାଟିଂ ରାଙ୍କିଙ୍ଗର ୧ ନମ୍ବର ସ୍ଥାନକୁ ଫେରିଛନ୍ତି ଭାରତୀୟ ଦଳର ଅଧିନାୟକ ଶୁବମନ ଗିଲ୍। ଦିନିକିଆ ଓ ଟେଷ୍ଟରେ ଭାରତର କମାଣ ସମ୍ଭାଳୁଥିବା ଗିଲ୍ ନିକଟରେ ଶେଷ ହୋଇଥିବା ଇଂଲଣ୍ଡ ବିପକ୍ଷ ସିରିଜରେ ୮୦(ରିଟାର୍ଡ ହର୍ଟ), ୩୧ ଓ ୭୭ ରନର ଇନିଂସ ଖେଳିଥିଲେ ।

ଏଥିପାଇଁ ଦିନିକିଆ ବ୍ୟାଟିଂ ରାଙ୍କିଙ୍ଗରେ ତାଙ୍କୁ ବଡ଼ ଫାଇଦା ମିଳିଛି । ଗିଲ୍ ଇଂଲଣ୍ଡ ସିରିଜ ପରେ ୧ ନମ୍ବରରେ ଥିବା ନ୍ୟୁଜିଲ୍ୟାଣ୍ଡର ଡାରେଲ ମିଚେଲଙ୍କୁ ଦ୍ୱିତୀୟକୁ ଠେଲି ଦେଇଛନ୍ତି । ଗିଲ ୮୦୧ ପଏଣ୍ଟ ସହ ୧ ନମ୍ବରରେ ଥିବା ବେଳେ ମିଚେଲଙ୍କ ପଏଣ୍ଟ ସଂଖ୍ୟା ୭୯୪ ରହିଛି । ୱେଷ୍ଟଇଣ୍ଡିଜ ବିପକ୍ଷ ଶେଷ ଦିନିକିଆ ଆହତ ସମସ୍ୟାରୁ ମିଚେଲ ଖେଳି ନଥିଲେ । ଏଥିପାଇଁ ସେ ୭୯୪ ପଏଣ୍ଟରେ ସ୍ଥିର ରହିଛନ୍ତି ।

ପୂର୍ବଭଳି ବିରାଟ କୋହଲି ୩ ନମ୍ବର, ରୋହିତ ଶର୍ମା ୪ ନମ୍ବର, ଇବ୍ରାହିମ ଜର୍ଦାନ ୫ ନମ୍ବର, ବାବର ଆଜମ ୬ ନମ୍ବର, ହ୍ୟାରୀ ଟେକ୍ଟର ୭ ନମ୍ବର, ୮ ମରେ ଜୋ ରୁଟ, ୯ ମରେ ଶାଇ ହୋପ ଓ ୧୦ମ ସ୍ଥାନରେ ଚରିଥ ଅସଲଙ୍କା ରହିଛନ୍ତି ।

ଆଇସିସି ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ "ନ୍ୟୁଜିଲାଣ୍ଡର ଡାରିଲ୍ ମିଚେଲ୍ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଶେଷ ଦିନିକିଆ ମ୍ୟାଚ୍‌ରୁ ବାଦ ପଡ଼ିବା ପରେ ଭାରତୀୟ ଅଧିନାୟକ ଶୁବମନ ଗିଲ୍ ପୁଣିଥରେ ଆଇସିସି ଦିନିକିଆ ବ୍ୟାଟିଂ ରାଙ୍କିଙ୍ଗର ନମ୍ବର ୧ ସ୍ଥାନ ହାସଲ କରିଛନ୍ତି । ଗିଲ ତୃତୀୟ ଥର ପାଇଁ ଦିନିକିଆର ଶୀର୍ଷ ବ୍ୟାଟର ହେବାର ସଫଳତା । ପାଇଛନ୍ତି ।"

ଅନ୍ୟପକ୍ଷରେ ଜିମ୍ବାୱେ ବିପକ୍ଷ ଟି-୨୦ରେ ଦମଦାର ପ୍ରଦର୍ଶନ କରିଥିବା ଭାରତର ବିସ୍ମୟ ବାଳକ ୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ମଧ୍ୟ ଆଇସିସି ଟି-୨୦ ରାଙ୍କିଙ୍ଗରେ ପ୍ରଥମଥର ଚର୍ଚ୍ଚାକୁ ଆସିଛନ୍ତି ।

ସେ ଟି-୨୦ ଅନ୍ତର୍ଜାତୀୟ ବ୍ୟାଟର ରାଙ୍କିଙ୍ଗରେ ଏକାଥରେ ୨୩୦ ସ୍ଥାନ ଲମ୍ଫ ମାରି ୪୮ତମ ସ୍ଥାନରେ ପହଞ୍ଚି ଯାଇଛନ୍ତି । ସେ ଜିମ୍ବାୱେ ବିପକ୍ଷ ସିରିଜ୍‌ରେ ୫୦ ଓ ୮୧ ରନ୍‌ର ଇନିଂସ୍ ଖେଳିଥିଲେ ।

ଏପରି କି ତାଙ୍କୁ 'ପ୍ଲେୟର ଅଫ୍ ଦି ସିରିଜ୍' ପୁରସ୍କାର ମିଳିଥିଲା ।

ବୈଭବ ଜିମ୍ବାୱେ ବିପକ୍ଷ ୩ଟି ମ୍ୟାଚରେ ମୋଟ ୧୫୧ ରନ୍ ସଂଗ୍ରହ କରିଥିଲେ । ପ୍ରଥମ ମ୍ୟାଚ୍‌ରେ ସେ ମାତ୍ର ୧୯ ବଲ୍‌ରେ ଅର୍ଦ୍ଧଶତକ ଓ ଶେଷ ମ୍ୟାଚ୍‌ରେ ୪୯ ବଲ୍‌ରେ ୮୧ ରନ୍ କରି ସେ ସମସ୍ତଙ୍କୁ ପ୍ରଭାବିତ କରିପାରିଥିଲେ ।

ଭାରତର ଟି-୨୦ ଅଧିନାୟକ ଶ୍ରେୟସ ଆୟର ଓ ଉପ ଅଧିନାୟକ ତିଳକ ବର୍ମା ମଧ୍ୟ ବ

ରାଜ୍ୟରେ ପ୍ରତିଷ୍ଠା ହେବ 'ଏଆଇ ପାର୍କ'

ଭୁବନେଶ୍ୱର ୩୧।୭(ଆପଣଙ୍କ ସ୍ୱର): ଓଡ଼ିଶାର ଶିଳ୍ପ ଓ ଟେକ୍ନୋଲୋଜି କ୍ଷେତ୍ରରେ ଏକ ନୂତନ ବିପ୍ଳବର ଶୁଭାରମ୍ଭ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମତବ୍ୟକ୍ତ କରିଛନ୍ତି। ଆଜି ଲୋକସେବା ଭବନର କନଭେନସନ ସେଣ୍ଟର ଠାରେ ବିଶ୍ୱପ୍ରସିଦ୍ଧ 'HCLTech' ଏବଂ ଦେଶର ସ୍ୱଦେଶୀ AI ସଂସ୍ଥା 'ସର୍ଭମ AI' ସହିତ ଦୁଇଟି ଯୁଗାନ୍ତକାରୀ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷର ଅବସରରେ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ଏହି ପଦକ୍ଷେପ ଦ୍ୱାରା ଓଡ଼ିଶାରେ ଟେକ୍ନୋଲୋଜି-ଭିତ୍ତିକ ଆର୍ଥିକ ଅଭିବୃଦ୍ଧି ଅଧିକ ସୁଦୃଢ଼ ହେବା ସହ ରାଜ୍ୟର ହଜାର ହଜାର ଉଚ୍ଚଶିକ୍ଷିତ ଓ କୁଶଳୀ ଯୁବକ-ଯୁବତୀଙ୍କ ପାଇଁ ସିଧାସଳଖ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

HCLTech ଓଡ଼ିଶାରେ ନିଜର ଏକ ଡେଭେଲପମେଣ୍ଟ ସେଣ୍ଟର' ପ୍ରତିଷ୍ଠା କରିବାକୁ ଯାଉଛି, ଯାହା ରାଜ୍ୟର IT ଇକୋସିଷ୍ଟମକୁ ବିଶ୍ୱସ୍ତରରେ ଏକ ନୂଆ ପରିଚୟଦେବ। ଏହି ସଂସ୍ଥାର ନାମ ହେଉଛି HCLTech Global Delivery Centre. ଏଥିସହିତ HCLTech ଏବଂ 'ସର୍ଭମ ଏଆଇ'ର ମିଳିତ ସହଯୋଗରେ ଓଡ଼ିଶାରେ ଏକ 'AI-ଅପ୍‌ଟିମାଇଜ୍ ଡାଟା ସେଣ୍ଟର' ମଧ୍ୟ ପ୍ରତିଷ୍ଠା କରାଯିବ। ରାଜ୍ୟ ସରକାରଙ୍କ ପକ୍ଷରୁ ଓଡିଶାରେ ଏକ ସୋଭରେନ୍ ବା ସମ୍ପୂର୍ଣ୍ଣ ସ୍ୱଦେଶୀ ଏଆଇ ପାର୍କ ପ୍ରତିଷ୍ଠା କରାଯିବ। ଏହି ଡାଟା ସେଣ୍ଟର ଉକ୍ତ ଏଆଇ ପାର୍କ ମଧ୍ୟରେ ପ୍ରତିଷ୍ଠିତ ହେବ।HCL Development Centre ପାଇଁ ପ୍ରାୟ ୭୩୦ କୋଟି ଟଙ୍କାର ପୁଞ୍ଜିନିବେଶ ହେଉଛି, ଯାହା ରାଜ୍ୟର ଡିଜିଟାଲ୍ ଇକୋସିଷ୍ଟମକୁ ବହୁତ ମଜବୁତ କରିବ। ଏହି ଗ୍ଲୋବାଲ୍ ଡେଲିଭରି ସେଣ୍ଟର ମାଧ୍ୟମରେ ଆମ ଓଡ଼ିଶାର ୬,୦୦୦ ରୁ ଅଧିକ ଉଚ୍ଚ ଶିକ୍ଷିତ ଏବଂ କୁଶଳୀ ଯୁବକ-ଯୁବତୀଙ୍କୁ ସିଧାସଳଖ ନିଯୁକ୍ତି ସୁଯୋଗ ମିଳିବ। ଏହି ଦୁଇଟି ପ୍ରକଳ୍ପରେ ଆସନ୍ତା ୫ ବର୍ଷରେ ପ୍ରାୟ ୧୫ ହଜାର କୋଟି ଟଙ୍କା ବିନିଯୋଗ ହେବ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ 'ଡିଜିଟାଲ୍ ଇଣ୍ଡିଆ' ଦୂରଦୃଷ୍ଟି ଯୋଗୁଁ ଆଜି ଭାରତ ଟେକ୍-ରେଡି ହୋଇପାରିଛି ଏବଂ ଓଡ଼ିଶା ଏହି ନବସୃଜନର ଅଗ୍ରଣୀ ନେତୃତ୍ୱ ନେଉଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି।ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପୂର୍ବରୁ ଆମେ ବିଦେଶୀ ଏଆଇ ଉପରେ ନିର୍ଭର କରୁଥିଲୁ, କିନ୍ତୁ ଆଜି ଆମର ସ୍ୱଦେଶୀ ଏଆଇ'ସର୍ଭମ', ବିଶ୍ୱର ଯେକୌଣସି ଟେକ୍ନୋଲୋଜି ସହ ସମକକ୍ଷ ହୋଇପାରିଛି। ଆଗାମୀ ଦିନରେ କୃଷି, ସ୍ୱାସ୍ଥ୍ୟ, ଶିକ୍ଷା ଓ ପ୍ରତିରକ୍ଷା କ୍ଷେତ୍ରରେ ଏହାର ବ୍ୟାପକ

ବ୍ୟବହାର କରାଯିବ। ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟ ସରକାର କେବଳ ଖଣିଜ-କେନ୍ଦ୍ରିକ ଶିଳ୍ପରେ ସୀମିତ ନରହି ସେମିକଣ୍ଡକ୍ଟର, ଏଆଇ, ଟେକ୍ସଟାଇଲ, ଫାର୍ମା ଓ ଆଇଟି ଭଳି ନୂତନ କ୍ଷେତ୍ରଗୁଡ଼ିକୁ ପ୍ରୋତ୍ସାହିତ କରୁଛନ୍ତି।ସୂଚନାଯୋଗ୍ୟ ଯେ, ସର୍ଭମ୍ ଏଆଇ ଓଡିଆ ସହିତ ସମସ୍ତ ପ୍ରମୁଖ ଭାରତୀୟ ଭାଷାରେ AI Platform ଓ AI Application ପ୍ରସ୍ତୁତ କରିବାରେ ସଫଳ ହୋଇଛି। ଓଡିଶାରେ ଏହି ଏଆଇ ପାର୍କ ଓ ଡାଟା ପାର୍କ ପ୍ରତିଷ୍ଠା ହେବା ଫଳରେ ଓଡିଶାରୁ ହିଁ ଓଡିଆ ସହିତ ବିଭିନ୍ନ ଭାରତୀୟ ଭାଷାରେ କୃତ୍ରିମ ବୁଦ୍ଧିମତାର ସେବା ଉପଲବ୍ଧ ହୋଇପାରିବ।

ରାଜ୍ୟର ଶିଳ୍ପାୟନ ସମ୍ପର୍କରେ ତଥ୍ୟ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗତ ଦୁଇ ବର୍ଷରେ ୨୦ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ ପ୍ରସ୍ତାବ ଆସିଛି, ୧୦ ଲକ୍ଷ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପ ମଞ୍ଜୁର ହୋଇଛି ଏବଂ ୩ ଲକ୍ଷ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପ କ୍ଷେତ୍ରସ୍ତରରେ କାର୍ଯ୍ୟକାରୀ ହୋଇସାରିଛି। ସମ୍ପ୍ରତି ନୀତି ଆୟୋଗଙ୍କ ନୂତନ 'Investment Friendliness Index-2026' ରେ ଓଡ଼ିଶା ଦେଶର ଶୀର୍ଷ ୫ଟି ରାଜ୍ୟ ମଧ୍ୟରେ ସ୍ଥାନ ପାଇଛି ଏବଂ ଆମର ଲକ୍ଷ୍ୟ ଖୁବ୍ ଶୀଘ୍ର Top 3 ରେ ପହଞ୍ଚିବା।

ନୂଆ ଶିଳ୍ପ ନୀତି, ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଏବଂ ଲ୍ୟାଣ୍ଡ ବ୍ୟାଙ୍କ ବ୍ୟବସ୍ଥା ଯୋଗୁଁ ଚୁକ୍ତି ସ୍ୱାକ୍ଷରଠାରୁ ପ୍ରକଳ୍ପ ଆରମ୍ଭ ହେବା ସମୟସୀମାକୁ ୧୦୦ ଦିନରୁ କମ୍‌କୁ ହ୍ରାସ କରାଯାଇଛି। HCLTech, Sarvam AI ଏବଂ ସମସ୍ତ ନିବେଶକଙ୍କୁ ସମ୍ପୂର୍ଣ୍ଣ ସରକାରୀ ସହଯୋଗର ପ୍ରତିଶ୍ରୁତି ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ବଡ଼ ନିବେଶ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଏବଂ ରାଜ୍ୟରେ ନିବେଶ କରିବା ପାଇଁ "ଯହି ସମୟ ହେଁ, ସହି ସମୟ ହେଁ"।ଏହି ଅବସରରେ, ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏହାକୁ ଓଡ଼ିଶା ପାଇଁ ଏକ ଅତ୍ୟନ୍ତ ଗୌରବପୂର୍ଣ୍ଣ ମୁହୂର୍ତ୍ତ ବୋଲି ଅଭିହିତ କରିଛନ୍ତି। ସେ କହିଛନ୍ତି ଯେ ଏହାଦ୍ୱାରା ରାଜ୍ୟର ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି କ୍ଷେତ୍ର ପ୍ରଗତିର ଏକ ନୂତନ ଶିଖରକୁ ଛୁଇଁବାକୁ ଯାଉଛି। ଓଡ଼ିଶା ଉପରେ ଆସ୍ଥା ପ୍ରକଟ କରିଥିବାରୁ ସେ ଏଚସିଏଲ୍ ଟେକ୍ନୋଲୋଜିକୁ ଧନ୍ୟବାଦ ଜଣାଇଛନ୍ତି। ସେ ଆହୁରି ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ନୀତି ଆୟୋଗର ସମ୍ପ୍ରତି ରିପୋର୍ଟ ଅନୁସାରେ ନିବେଶ ପାଇଁ ଓଡ଼ିଶା ଦେଶରେ ତୃତୀୟ ସ୍ଥାନରେ ରହିଛି, ଯାହା 'ଡିଜିଟାଲ୍ ଇଣ୍ଡିଆ'ର ସ୍ୱପ୍ନକୁ ସାକାର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ସେମିକଣ୍ଡକ୍ଟର ଶିଳ୍ପ କ୍ଷେତ୍ରରେ ଓଡ଼ିଶା ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିସାରିଛି ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ପ୍ରକାଶ କରିଛନ୍ତି।ଏହି ଅବସରରେ, ଓଡ଼ିଶାରେ ନିବେଶ କରିବା ପାଇଁ ଏଚସିଏଲ୍ ପ୍ରଯୁକ୍ତିବିଦ୍ୟା ସଂସ୍ଥା ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ଏଚସିଏଲ୍ ଚେୟାରପର୍ସନ୍ ରୋଶନୀ ନାଦର ମାଲହୋତ୍ରା ପ୍ରକାଶ କରିଛନ୍ତି। ଓଡ଼ିଶା ସରକାରଙ୍କ ସହଯୋଗ ପାଇଁ କୃତଜ୍ଞତା ଜ୍ଞାପନ କରି ସେ କହିଛନ୍ତି ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୂରଦୃଷ୍ଟିସମ୍ପନ୍ନ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ଏଚସିଏଲ୍ ରାଜ୍ୟରେ ନିଜର ଆଗାମୀ ନିବେଶ ଯୋଜନା ଆରମ୍ଭ କରିବାକୁ ଯାଉଛି। ନିକଟରେ ଓଡ଼ିଶାରେ ସଫଳତାର ସହ ଆୟୋଜିତ ହୋଇଥିବା ଏଆଇ ସମ୍ମିଳନୀ ପ୍ରମାଣିତ କରିଛି ଯେ ରାଜ୍ୟ କୃତ୍ରିମ ବୁଦ୍ଧିମତ୍ତା ଭିତ୍ତିକ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ କାର୍ଯ୍ୟ କରିବାକୁ ସମ୍ପୂର୍ଣ୍ଣ ସମର୍ଥ ଓ ପ୍ରସ୍ତୁତ ରହିଛି। ଏହି ଅବସରରେ ସେ ଓଡ଼ିଶାରେ ଏକ ସ୍ୱତନ୍ତ୍ର 'ଏଆଇ ପାର୍କ' ପ୍ରତିଷ୍ଠା କରାଯିବ ବୋଲି ଘୋଷଣା କରିବା ସହ ଏହା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଯାତ୍ରାରେ ଏକ ପ୍ରମୁଖ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ପ୍ରକାଶ କରିଛନ୍ତି। ଏହି ବୁଝାମଣା ପତ୍ର ସ୍ୱାକ୍ଷର ଅବସରରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ବିଶାଳ କୁମାର ଦେବ, HCLTech ର CEO ତଥା ମ୍ୟାନେଜିଂ ଡାଇରେକ୍ଟର ଶ୍ରୀ ସି. ବିଜୟକୁମାର, ସର୍ଭମ AI ର CEO ଶ୍ରୀ ପ୍ରତ୍ୟୁଷ କୁମାର, ଶିଳ୍ପ ଓ ଶିକ୍ଷା ଜଗତର ବିଶିଷ୍ଟ ବ୍ୟକ୍ତିବୃନ୍ଦ ଏବଂ ଓଡ଼ିଶା ସରକାରଙ୍କ ବରିଷ୍ଠ ଆଧିକାରିକଗଣ ଉପସ୍ଥିତ ଥିଲେ।

ବ୍ରାହ୍ମଣୀ ଓ କେଲୁଅ ନଦୀ ବନ୍ୟାରେ ଧର୍ମଶାଳା ବ୍ଲକର ୧୩ ଗୋଟି ଫଚାୟତ ପ୍ରଭାବିତ

ଧର୍ମଶାଳା,୩୧।୭(ଆପଣଙ୍କ ସ୍ୱର) : ବ୍ରାହ୍ମଣୀ ଓ ଏହାର ଶାଖା କେଲୁଅ ନଦୀରେ ବନ୍ୟା ଆସିବା ଫଳରେ ଧର୍ମଶାଳା ବ୍ଲକର ବିଭିନ୍ନ ଫଚାୟତ ବନ୍ୟା ଜଳରେ ପ୍ରଭାବିତ ହୋଇଛି । ବିଶେଷ କରି ନଦୀ କୁଳରେ ରହିଥିବା କୋତପୁର, ଦେଓଦା, ଜେନାପୁର, ଝଟିଆ,ଉତରପ୍ରତାପ, ଗଙ୍ଗାଧରପୁର ପ୍ରଭୃତି ୧୩ ଗୋଟି ଫଚାୟତ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିବା ବେଳେ ୬ ଗୋଟି ଫଚାୟତ ଅଧିକ ଓ ୭ ଗୋଟି ଫଚାୟତ ଆଂଶିକ ଭାବେ ପ୍ରଭାବିତ ହୋଇଛି । ତେବେ କୋତପୁର ଫଚାୟତ ସବୁଠାରୁ ଅଧିକ ପ୍ରଭାବିତ ହୋଇଥିବା ଜଣାପଡିଛି । ବନ୍ୟା ପ୍ରଭାବିତ ଲୋକମାନେ ଅସୁବିଧାରେ ରହିଥିବା ବେଳେ ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଉଦ୍ୟମକ୍ରମେ ପ୍ରଶାସନ ପକ୍ଷରୁ ସୁଖିଲା ଓ ରନ୍ଧା ଖାଦ୍ୟ ପ୍ରଦାନ କରାଯାଇଛି । ବିଭିନ୍ନ ଗ୍ରାମରେ ବନ୍ୟା ଜଳ ପ୍ରବେଶ କରିଥିବା ଖବର ପାଇ ଆଜି ଧର୍ମଶାଳା ବିଧାୟକ ଶ୍ରୀ ସାହୁ ଦେଓଦା, କୋତପୁର, ଜେନାପୁର ଓ ଝଟିଆ ଫଚାୟତର ବନ୍ୟା ପ୍ରଭାବିତ ଗ୍ରାମ ଗୁଡିକୁ ଯାଇ ବନ୍ୟାପୀଡିତମାନଙ୍କ ସହିତ ଆଲୋଚନା କରିବା ସହିତ ପ୍ରଶାସନ ପକ୍ଷରୁ ସେମାନଙ୍କୁ

ସବୁ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଗତକାଲି ବ୍ରହ୍ମଣୀ ନଦୀରେ ବନ୍ୟାଜଳ ବୃଦ୍ଧି ପାଇ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିଲା। ବ୍ରାହ୍ମଣୀ ନଦୀର ଜେନାପୁର ଠାରେ ବିପଦ ସଙ୍କେତ ୬୭ ଫୁଟ ରହିଥିବା ବେଳେ ଆଜି ଭୋର ସୁଦ୍ଧା ବନ୍ୟାଜଳ ବୃଦ୍ଧି ପାଇ ୬୮.୨୦ ଫୁଟରେ ପହଁଚିଥିଲା । ଫଳରେ ବିଭିନ୍ନ ନଦୀ କୁଳିଆ ଅଂଚଳରେ ବନ୍ୟାଜଳପ୍ରବେଶ କରି ବହୁ କ୍ଷୟକ୍ଷତି ଘଟିଛି । ଧର୍ମଶାଳା ବ୍ଲକରେ ଏକର ଏକର ଚାଷ ଜମି ଜଳମଗ୍ନ ହୋଇପଡିଥିବା ବେଳେ ଅନେକ ଲୋକଙ୍କ ଘରେ ପାଣି ପଶି ବ୍ୟାପକ କ୍ଷୟକ୍ଷତି ହୋଇଛି । ଆଜି ବିଧାୟକ ଶ୍ରୀ ସାହୁଙ୍କ ସହିତ ଯାଜପୁର ଉପଜିଲ୍ଲାପାଳ ତାପସ ରଞ୍ଜନ ଦେଉରୀ, ବିଡିଓ ଜ୍ୟୋତିର୍ମୟ କର, ତହସିଲଦାର ସମିର ଦାସ ପ୍ରମୁଖ ବିଭିନ୍ନ ବନ୍ୟାକ୍ଷତିଗ୍ରସ୍ତ ଅଂଚଳ ବୁଲି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଆଜି ବନ୍ୟା ପ୍ରଭାବିତ ଅଂଚଳରେ ଲୋକମାନଙ୍କୁ ସୁଖିଲା ଖାଦ୍ୟ ସହିତ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି । ଆସନ୍ତାକାଲି ଏକ ମେଡିକାଲ ଟିମ ବନ୍ୟାପ୍ରଭାବିତ ଅଂଚଳ ପରିଦର୍ଶନ କରି ଔଷଧ ବଂଟନ କରିବାର କାର୍ଯ୍ୟକ୍ରମ ରହିଛି । ଧର୍ମଶାଳା ବ୍ଲକରେ ୭୫୦୦ରୁ ଉର୍ଦ୍ଧ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି । ଅନ୍ୟପଟେ ଗୃହ ପାଳିତ ପଶୁମାନଙ୍କ ପାଇଁ ଆଜି କିଛି ପରିମାଣରେ ଗୋଖାଦ୍ୟ ବଂଟନ କରାଯାଇଥିବା ବେଳେ ଅସନ୍ତା କାଲି ଆବଶ୍ୟକ ପରିମାଣର ଗୋଖାଦ୍ୟ ବଂଟନ କରାଯିବ । ଏଥିସହିତ ବନ୍ୟାପାଣି ଛାଡିବା ପରେ କ୍ଷୟକ୍ଷତିର ଆକଳନ କରାଯାଇ ବନ୍ୟାକ୍ଷତିଗ୍ରସ୍ତମାନଙ୍କୁ ସହାୟତା ଯୋଗାଇ ଦିଆଯିବ ବୋଲି ବିଡିଓ ଶ୍ରୀ କର କହିଛନ୍ତି । ତେବେ ଅଜି ବ୍ରାହ୍ମଣୀ ନଦୀର ଜେନାପୁର ଠାରେ ବନ୍ୟାଜଳ ସନ୍ଧ୍ୟା ୭ଟା ସୁଦ୍ଧା ୬୪. ୮୦ ରହିଥିବା ଜଣାଯାଇଛି । ତେଣେ ରେଙ୍ଗାଲି ଡ୍ୟାମରେ ଆଜି ସକାଳ ୯ଟା ସୁଦ୍ଧା ବନ୍ୟାଜଳ ୧୨୨.୨୪ ରହିଥିବା ବେଳେ ଆଜି ଗୋଟିଏ ଗୋଟିଏ ଗେଟ ଖୋଲାଯାଇଥିବା ଜଣାଯାଇଛି । ତେବେ ରେଙ୍ଗାଲି ଡ୍ୟାମର ପାଣି କାଲି ଦିନ ୧୨ଟା ସୁଦ୍ଧା ଜେନାପୁର ଦେଇ ଅତିକ୍ରମ କରିବ । ତେବେ ବ୍ରାହ୍ମଣୀ ଅବବାହିକା ଅଂଚଳରେ ମଧ୍ୟମ ଧରଣର ବନ୍ୟା ହେବାର ଆଶଙ୍କା ରହିଥିବାରୁ ନଦୀ କୁଳିଆ ଲୋକମାନେ ଏଥିପ୍ରତି ସତର୍କ ରହିବାକୁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି ।

୧୧୬ ବର୍ଷୀୟା ଭକ୍ତଙ୍କୁ ତିରୁମଲାରେ ଭିଆଇପି ବ୍ରେକ୍ ଦର୍ଶନର ସୌଭାଗ୍ୟ

ଆନ୍ଧ୍ରପ୍ରଦେଶ (ଭରତ ଚନ୍ଦ୍ର ଲେଙ୍କା) ; ୧୧୬ ବର୍ଷୀୟା ଭକ୍ତଙ୍କୁ ତିରୁମଲାରେ ଭିଆଇପି ବ୍ରେକ୍ ଦର୍ଶନର ସୌଭାଗ୍ୟ । କିଛି ଦିନ ପୂର୍ବେ ଅଲିପିରି ପାଦଯାତ୍ରା ପଥ ଦେଇ ପାଦରେ ଚାଲି ତିରୁମଲା ପହଞ୍ଚିଥିବା ୧୧୯ ବର୍ଷୀୟା ଭକ୍ତା ଶ୍ରୀମତୀ ନବନୀତମ୍ମା ଆଜି ନିଜ ପରିବାର ସଦସ୍ୟଙ୍କ ସହ ଭଗବାନ ଶ୍ରୀ ୱେଙ୍କଟେଶ୍ୱରଙ୍କ ଭିଆଇପି ବ୍ରେକ୍ ଦର୍ଶନ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ପରେ ରଙ୍ଗନାୟକୁଲ ମଣ୍ଡପରେ TTDର କାର୍ଯ୍ୟନିର୍ବାହୀ ଅଧିକାରୀ ବେଦ ପଣ୍ଡିତମାନଙ୍କ ଦ୍ୱାରା ବୈଦିକ ଆଶୀର୍ବାଦର ବ୍ୟବସ୍ଥା କରିଥିଲେ। ସେ ଶ୍ରୀମତୀ ନବନୀତମ୍ମାଙ୍କୁ ରେଶମୀ ଶାଲ୍ ପିନ୍ଧାଇ ସମ୍ମାନିତ କରିବା ସହିତ ତୀର୍ଥ ଓ ପ୍ରସାଦ ପ୍ରଦାନ କରିଥିଲେ । ଏହାପରେ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀମତୀ ନବନୀତମ୍ମାଙ୍କ ସମ୍ମୁଖରେ ନତମସ୍ତକ ହୋଇ ତାଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ଏହି ଦୃଶ୍ୟ ସେଠାରେ ଉପସ୍ଥିତ ସମସ୍ତଙ୍କୁ ଭାବବିହ୍ୱଳ କରିଥିଲା । ଭଗବାନ ଶ୍ରୀ ୱେଙ୍କଟେଶ୍ୱରଙ୍କ ପ୍ରତି ଅଟଳ ଆସ୍ଥା ଓ ଆଜୀବନ ଭକ୍ତିଭାବର ଏହା ଏକ ସୁନ୍ଦର ଏବଂ ପ୍ରେରଣାଦାୟକ ଉଦାହରଣ ।

ତାଳଜଙ୍ଗ ଫଚାୟତରେ ଅଧାରୁ ଅଧିକ ଷ୍ଟ୍ରିଟ୍ ଲାଇଟ ଅଚଳ

କବାଟବନ୍ଧ, ୩୧।୭(ଆପଣଙ୍କ ସ୍ୱର) : ଧର୍ମଶାଳା ବ୍ଲକ ଅନ୍ତର୍ଗତ ତାଳଜଙ୍ଗ ପଞ୍ଚାୟତର ବିଭିନ୍ନ ୱାର୍ଡ଼ରେ ପୂର୍ବରୁ ଲାଗିଥିବା ଷ୍ଟିଟଲାଇଟ ଅଧାରୁ ଅଧିକ ଅଚଳ ହୋଇପଡିଛି। ପ୍ରତ୍ୟେକ ଗ୍ରାମାଂଚଳରେ ରାସ୍ତାର ଉଭୟ ପାର୍ଶ୍ୱରେ

ଆଲୋକିକରଣ ପାଇଁ ସରକାରଙ୍କ ପକ୍ଷରୁ ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ବ୍ୟାପକ ଷ୍ଟ୍ରିଟ୍ ଲାଇଟ୍‌ର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଅଧିକାଂଶ ସମୟରେ ଲାଗିଥିବା ଲାଇଟ୍ ମଧ୍ୟରୁ କମ ଆଲୁଅ ଜଳୁଛି, ଅଧାରୁ ଅଧିକ ଜଳୁନି । ଫଳରେ ରାତ୍ରୀ ସମୟ ଅନ୍ଧାର ରହୁଥିବାରୁ ସାଧାରଣ ଲୋକମାନେ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି । ଅନ୍ଧାର ଯୋଗୁ ଲୋକମାନେ ଅସୁରକ୍ଷିତ ମନେ କରୁଛନ୍ତି । ବର୍ଷାଦିନ ଚାଲୁଥିବାରୁ ଫଳରେ ପ୍ରାତଃ ଭ୍ରମଣରେ ଆସୁଥି ମହିଳା ମାନେ ବର୍ଷା ସମୟରେ ଅନ୍ଧାରିଆ ରାସ୍ତା ହୋଇଥିବାରୁ ସରୀସୃପର ଭୟ ଲାଗିରହୁଛି । ବନ୍ୟଜନ୍ତୁ, ବିଷଧର ସରୀସୃପ, କୀଟ, ପତଙ୍ଗ ରାସ୍ତା ଉପରେ ଚଳପ୍ରଚଳ କରୁଥିବାରୁ ଅନ୍ଧାର ଯୋଗୁ ରାତ୍ରୀ ସମୟରେ ମହିଳା, ଶିଶୁ, ବୃଦ୍ଧ, ଛାତ୍ରଛାତ୍ରୀ ଯିବା ପାଇଁ ଭୟ ରହୁଛି । ପୂର୍ବରୁ ପ୍ରତ୍ୟେକ ଗ୍ରାମର ଅନେକ ଷ୍ଟ୍ରିଟ ଲାଇଟ ଅଚଳ ହୋଇପଡିଥିଲା। ଏହାକୁ ସଚଳ କରିବା ପାଇଁ ଫଚାୟତ ନିର୍ବାହୀ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ସଚଳ କରିଥିଲେ ସୁଦ୍ଧା କିଛି ଦିନ ଯାଇଛିକି ନାହିଁ ଅଧାରୁ ଅଧିକ ଖରାପ ହୋଇଗଲା । ଷ୍ଟ୍ରିଟ ଲାଇଟ ମରାମତି ଅତି ନିମ୍ନ ମାନର ହୋଇ ଥିବାରୁ ତାହା ବେଶି ଦିନ ଜଳି ନଥିଲା । ସରକାରଙ୍କ ଅର୍ଥ ପାଣିରେ ପଡିଲା ବୋଲି ଗ୍ରାମବାସୀ ଅଭିଯୋଗ ହୋଇଥିଲା । ପୂର୍ବରୁ ଷ୍ଟ୍ରିଟ ଲାଇଟ ମରାମତି ନାମରେ ଦୁର୍ନୀତି ହୋଇଥିବାର ଅଭିଯୋଗ ହୋଇଥିଲେ ସୁଦ୍ଧା କାର୍ଯ୍ୟାନୁଷ୍ଠାନ କି ତଦନ୍ତ କରାଗଲାନାହିଁ । ଅନେକ ଫଚାୟତ ସମସ୍ତ ଷ୍ଟ୍ରିଟ ଲାଇଟ ଯାଞ୍ଚକରି ଏହାର ମରାମତିକରି ଖରାପ ଥିବା ଲାଇଟ ଗୁଡିକ ପରିବର୍ତ୍ତନ କରାଗଲେ ରାତ୍ରୀ ଯାତାୟାତ ସୁରକ୍ଷିତ ହୋଇ ପାରିବ ବୋଲି ଫଚାୟତ ବାସୀ ମତବ୍ୟକ୍ତ କରିଛନ୍ତି। କେତେକ ଲାଇଟ ବିଦ୍ୟୁତ ଖୁଟରେ ଲଗାଯାଇଥିବା ବେଳେ ଏହା କେତେ ବେଳେ ଜଳୁଛି ତ କେତେ ବେଳେ ଜଳୁନାହିଁ। ଏହା ଉପରେ ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

ମାନ୍ୟବର ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ଦିନିକିଆ କେନ୍ଦ୍ରାପଡ଼ା ଗସ୍ତ

କେନ୍ଦ୍ରାପଡ଼ା, ୩୧।୭(ଆପଣଙ୍କ ସ୍ୱର) : ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ବୈଷୟିକ ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଜି ଦିନିକିଆ କେନ୍ଦ୍ରାପଡ଼ା ଗସ୍ତରେ ଆସି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ହିତାଧିକାରୀମାନଙ୍କୁ ରାସନ କାର୍ଡ ବଣ୍ଟନ କରିବା ସହିତ ଖାଦ୍ୟ ସୁରକ୍ଷା, ଖାଉଟି କଲ୍ୟାଣ ଓ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଏକ ସମୀକ୍ଷା ବୈଠକ କରିଥିଲେ।

ଏହି ଅବସରରେ ମାନ୍ୟବର ମନ୍ତ୍ରୀ କହିଥିଲେ ଯେ, ରାଜ୍ୟ ସରକାର ଖାଦ୍ୟ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ କାର୍ଯ୍ୟ କରୁଛନ୍ତି। ରାଜ୍ୟର କୌଣସି ଲୋକ ଯେପରି ଭୋକିଲା ନ ରହନ୍ତି ସେଥିପାଇଁ ଜାତୀୟ ଖାଦ୍